୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27. No.80 Bhubaneswar Tuesday May 06 2025 | ୨୭ତମ ବର୍ଷ | ସଂଖ୍ୟା-୮୦ ଭୁବନେଶ୍ୱର, ମଙ୍ଗଳବାର, ମଇ ୦୬, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ | ₹1.50 | (Air Surcharge - 0.50P) | Member-INS

## ବିକାଶ ପାଇଁ ଦେଇଥିଲେ ଶହେ ଦିନର କଷ୍ଟ, ପୂରିଲାଣି ୩୩୦ ଦିନ; ବିକାଶ କାମ ଠପ



ଭୁବନେଶ୍ୱର,୫।୫(ପି.ଏନ): ରାଜ୍ୟରେ ସରକାର ଚାଲିବା ଭଳି ଲାଗୁନି । ବିଜେପି ଯେପରି ଭାବେ ସରକାର ଚଳାଇଛି ଲୋକେ ଅତିଷ୍ଠ ହେଲେଣି । ପ୍ରଶ୍ନ ଉଠାଇ ବିଜେଡି ଅଭିଯୋଗ କରିଛି ବିକାଶମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ? । ୧୦୦ ଦିନର ନିର୍ବାଚନୀ ପ୍ରତିଶ୍ରୁତି ଏବେ ୩୩୦ ଦିନରେ ପହଞ୍ଚିଲାଣି ।ଆଗେ ସରକାର ବିକାଶର ହିସାବ ଦିଅନ୍ତୁ । ପରେ ରାଜ୍ୟବାସୀଙ୍କ ତରଫରୁ ବିଜେଡି ହିସାବ ମାଗିବ । କଂଗ୍ରେସ ମଧ୍ୟ ଅଭିଯୋଗ କରି କହିଛି, ଏବେର ରାଜ୍ୟ ସରକାର ସବୁ କ୍ଷେତ୍ରରେ ବିଫଳ ।ବିକାଶ ପାଇଁ ୧୦୦ ଦିନ କଷ୍ଟ ଦେଇଥିଲ । ଏବେ ୩୩୦ ଦିନ ପୂରିବାକୁ ବସିଲାଣ । ରାଜ୍ୟ ସରକାରଙ୍କୁ ବିଜେଡିର ଖୋଲା ଚାଲେଞ୍ଜ୍ ? ।କ'ଣ କରିଛ ବିକାଶ ? ଜବାବ ମାଗୁଛନ୍ତି ଲୋକେ । ଆଗ ଲୋକଙ୍କୁ ହିସାବ ଦିଅ । ପରେ ରାଜ୍ୟବାସୀଙ୍କ ତରଫରୁ ସରକାରଙ୍କୁ ହିସାବ ମାଗିବ ବିଜୁ ଜନତା ଦଳ । ୨୦୨୪ ନିର୍ବାଚନରେ ବିଜେପି ଓଡିଶାବାସୀଙ୍କ ଦେଇଥିବା ପ୍ରତିଶ୍ରୁତି କେତେ ପାଳନ କରିଛି ? ବିକାଶର ଚିତ୍ର ଦେଖାଇ ଶାସକ ଦଳ ଯେଉଁ ହିସାବ ଦେବ ସେ ସବୁ ବେହିସାବ ବୋଲି ଧରାଯିବ । ୧୧ ମାସର ବିଜେପି ସରକାର ଉପରେ ଅତିଷ୍ଠ ଲୋକେ । ଯଦି ଏବେ ନିର୍ବାଚନ ହୁଏ, ଅବସ୍ଥା ଖରାପ ହୋଇଯିବ । ଏପରି କହି ବିଜେପି ସରକାରକୁ ଟାର୍ଗେଟ କରିଛନ୍ତି ବରିଷ୍ଠ ବିଜେଡି ବିଧାୟକ ଅରୁଣ ସାହୁ । ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଅଭିଯୋଗ କରିଛନ୍ତି, ଓଡିଶାବାସୀଙ୍କୁ ସେବା ଦେବାରେ ରାଜ୍ୟ ସରକାରଙ୍କ ସବୁ ବିଭାଗ ବିଫଳ । ୩୦୦ ୟୁନିଟ ମାଗଣା ବିଜୁଳି, ଚିଟଫଣ୍ଡ, ଧାନର କଟନିଛଟନି ପ୍ରସଙ୍ଗ ଉଠାଇ ବିଜେପିକୁ ନିର୍ବାଚନୀ ପ୍ରତିଶ୍ରୁତି ମନେ ପକାଇଦେଇଛି କଂଗ୍ରେସ । ବର୍ଷ ପୂରିବା ପରେ ମନ୍ତ୍ରୀମାନେ ରିପୋର୍ଟ କାର୍ଡ ସହ ନିଜର ବିଫଳତାର କଥା କହିବେ କି ବୋଲି କଂଗ୍ରେସ ପଚାରିଛି । ବିରୋଧୀଙ୍କ ଅଭିଯୋଗର ଜବାବ ଦେଇଛି ଶାସକ ବିଜେପି । ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଯୁକ୍ତି ସରକାର ବିରୋଧରେ ନ୍ୟାରେଟିଭ ସୃଷ୍ଟି କରୁଛି ବିଜେଡି । ଛାୟା ମନ୍ତ୍ରିମଣ୍ଡଳ ଗଠନ କରି ଏପରି ନ୍ୟାରେଟିଭ ପ୍ରସ୍ତୁତ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ବିଜେପି ଶାସନରେ ଲୋକେ ସନ୍ତୁଷ୍ଟ ଥିବା ସେ ପାଲଟା ଜବାବ ଦେଇଛନ୍ତି । ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ବିଜେପି ବିଧାୟକଙ୍କ ଏପରି ଯୁକ୍ତିକୁ ନେଇ କଡା ସମାଲୋଚନା କରିଛନ୍ତି ।କ୍ଷମତାକୁ ଆସିବା ଦିନଠାରୁ ବିଜେପି ସରକାର ଓଡିଶାବାସୀଙ୍କୁ ଭଣ୍ଡାଇ ଚାଲିଛି । ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିବାରେ ଅପାରଗ ଡବଲ ଇଞ୍ଜିନ ସରକାର ଖାଲି ଝୁଣ୍ଟି ଚାଲିଛନ୍ତି ।

## ୨୫ବର୍ଷ ପରେ ଗଢ଼ିଲେ 'ରାଜନୀତିକ ବ୍ୟାପାର କମିଟି': ବିଜେଡି ପତନର ଆରମ୍ଭ ନୁହେଁ ତ ?



ଭୁବନେଶ୍ୱର,୫।୫(ପି.ଏନ): ଦୀର୍ଘ ପ୍ରାୟ ଅଢ଼େଇ ଦଶନ୍ଧି ପରେ ବିଜେଡି ନିଜର 'ରାଜନୀତିକ ବ୍ୟାପାର କମିଟି' ଗଠନ କରିଛି । ୧୯୯୭ ଡିସେମ୍ବର ୨୬ରେ ନିଜର ଜନ୍ମବେଳେ ଗଠିତ 'ରାଜନୀତିକ ବ୍ୟାପାର କମିଟି'(ପିଏସି)କୁ ପରବର୍ତ୍ତୀ ସମୟରେ ଉଚ୍ଛେଦ କରିଦେଇଥିବା ବିଜେଡି ପୁଣିଥରେ ଦଳୀୟ ସମ୍ବିଧାନକୁ ଅଣଦେଖା କରି ମନମୁଖୀ ଏହି କମିଟିକୁ ଗଠନ କରିଛି ।ନିଜର କିଛି ଖାସ୍ ଅନୁଗତଙ୍କୁ ଏଥିରେ ଥଇଥାନ କରିବା ସହ ଦୀର୍ଘ ୧୦ମାସ ଧରି ବିଜେଡି ସଂଗଠନ ଓ ଅଫିସ(ଶଙ୍ଖଭବନ) ସମ୍ଭାଳିଥିବା ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ରଙ୍କ ସମେତ ବହୁ ପୁରୁଖା ଓ ପ୍ରତିଷ୍ଠାତା ସଦସ୍ୟଙ୍କୁ ପିଏସିରୁ ଦୂରେଇ ରଖାଯାଇଛି ।ଓଲଟା ବିଜେଡିର ଅଘୋଷିତ ସର୍ବ ?ସର୍ବା ଭିକେ ପାଣ୍ଡିଆନଙ୍କୁ 'ପଣ୍ଡିତ ଜବାହାରଲାଲ ନେହୁରୁଙ୍କ' ସହ ତୁଳନା କରିଥିବା ସନ୍ତୃପ୍ତ ମିଶ୍ରଙ୍କୁ ରାଜନୀତିକ ବ୍ୟାପାର କମିଟିରେ ସ୍ଥାନିତ କରି ପୁରସ୍କୃତ କରାଯାଇଛି । ତେବେ ଦଳ ଗଠନବେଳେ ବିଜେଡି ପାଇଁ ଅଶୁଭ ପାଲଟିଥିବା 'ରାଜନୀତିକ ବ୍ୟାପାର କମିଟି' ଏବେ ପୁଣିଥରେ ଦଳର ପତନର ଅୟଂଆରମ୍ଭ ଓ ବିଭାଜନର କାରଣ ପାଲଟିବ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

**ସମ୍ବିଧାନକୁ ଅଣଦେଖା ରାଜନୀତିକ ବ୍ୟାପାର କମିଟି**

ବିଜେଡିର ସଂଶୋଧିତ ସମ୍ବିଧାନର ଧାରା-୨୫ରେ 'ରାଜନୀତିକ ବ୍ୟାପାର କମିଟି' (ପିଏସି) ଗଠନର ପ୍ରାବଧାନ ରହିଛି । କମିଟିରେ ଅଧକ୍ଷଙ୍କୁ ମିଶାଇ ସର୍ବାଧିକ ୧୧ଜଣ ସଦସ୍ୟ ରହିପାରିବେ । ରାଜ୍ୟ ସଭାପତି, ବିଧାନସଭାରେ ଦଳର ନେତା ଓ ବିଧାନପରିଷଦରେ ଦଳର ନେତା, ଲୋକସଭାରେ ଦଳର ନେତା ଓ ରାଜ୍ୟସଭାରେ ଦଳର ନେତାଙ୍କ ସମେତ ରାଜ୍ୟ ପରିଷଦରୁ ୬ଜଣଙ୍କୁ ରାଜ୍ୟସଭାପତି ଏହି କମିଟିକୁ ମନୋନୀତ କରିବେ । ଏହି କମିଟି ବିଧାନସଭା ଓ ସଂସଦରେ ଦଳର ନୀତି ଓ କାର୍ଯ୍ୟକ୍ରମକୁ ନିୟନ୍ତ୍ରଣ କରିବା ସହ ସଂସଦ,ବିଧାନସଭା, ପୌର ଓ ଜିଲ୍ଲା ପରିଷଦ ନିର୍ବାଚନ ପାଇଁ ପ୍ରାର୍ଥୀ ଚୟନକୁ ଚୂଡାନ୍ତ କରିବେ । କମିଟି ସହମତି ଭିତ୍ତିରେ ନିଷ୍ପତ୍ତି ନେବ । ଯଦି କମିଟିର ସଦସ୍ୟଙ୍କ ମଧ୍ୟରେ ମତପାର୍ଥକ୍ୟ ଦେଖାଦିଏ ତା'ହେଲେ 'ବହୁମତ' ହିଁ ଚୂଡାନ୍ତ ହେବ ।

## ସରକାରଙ୍କୁ ଦୁଗ୍ଧ ଚାଷୀଙ୍କ ୧୫ ଦିନିଆ କଷ୍ଟ, ଦାବି ପୂରଣ ନହେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ



ଭୁବନେଶ୍ୱର,୫।୫(ପି.ଏନ): ରାଜ୍ୟର ସାଧାରଣ ଚାଷୀ ହେଉ କିମ୍ବା ଦୁଗ୍ଧ ଚାଷୀ, ସମସ୍ତେ ଦୁରବସ୍ଥା ମଧ୍ୟରେ । କିଏ ଚାଷ ଛାଡିଲାଣି ତ କିଏ ଆନ୍‌ଦୋଳନ ପାଇଁ ସଜବାଜ ହେଉଛନ୍ତି । ଏହି କ୍ରମରେ ଦୁଗ୍ଧର ଉଚିତ ମୂଲ୍ୟ ମାଗି ବିଫଳ ହେବା ପରେ ଏବେ ରାଜ୍ୟ ସରକାରଙ୍କୁ ୧୫ ଦିନର କଷ୍ଟ ଦେଇଛି ଦୁଗ୍ଧ ଚାଷୀ ମହାସଂଘ । ଦାବି ପୂରଣ ନ ହେଲେ ରାଜ୍ୟବ୍ୟାପୀ ବ୍ୟାପକ ଆନ୍ଦୋଳନ ପାଇଁ ସଂଘ ହେଉଛି ପ୍ରସ୍ତୁତି ।ଓମ୍‌ଫେଡ୍ ଲିଟର ପିଛା ଲୋକଙ୍କୁ ୬୨ ଟଙ୍କାରେ କ୍ଷୀର ବିକୁଥିଲେ ମଧ୍ୟ ଚାଷୀଙ୍କୁ ୪୦ ଟଙ୍କା ବି ଦେବାକୁ ନାରାଜ । ଏ ସମ୍ପର୍କରେ ବାରମ୍ବାର ଆନ୍‌ଦୋଳନ ଓ ଦାବି ପରେ ମଧ୍ୟ ସରକାର ଜାଣି ବି ନ ଜାଣିଲା ଭଳି ରହୁଛନ୍ତି । କ୍ଷୀର ଲିଟର ପିଛା ୪୦ ଟଙ୍କା କରିବା, ଗୋଖାଦ୍ୟ ଦର ନିୟନ୍ତ୍ରଣ କରିବା, ଦୁଗ୍ଧ ଚାଷୀଙ୍କୁ ସରକାର ବୀମା ରାଶି ନିଜେ ପ୍ରଦାନ କରିବା ଓ ଡାକ୍ତରୀ ସହାୟତା ଯୋଗାଇ ଦେବା ଆଦି ଦାବି ପୂରଣ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସରକାରଙ୍କ ନିକଟରେ ଦାବି ରଖିଛି ରାଜ୍ୟ ଦୁଗ୍ଧ ଚାଷୀ ମହାସଂଘ । ପ୍ରାଣୀ ସମ୍ପଦ ମନ୍ତ୍ରୀ ଓ ଓମ୍‌ଫେଡ୍ ଏମଡିଙ୍କୁ ଦାବିପତ୍ର ଦେବା ସହ ୧୫ ଦିନର କଷ୍ଟ ଦେଇଛି ଓଡିଶା ଦୁଗ୍ଧ ଚାଷୀ ମହାସଂଘ । ୧୫ ଦିନ ମଧ୍ୟରେ ଦୁଗ୍ଧ ଲିଟର ପିଛା ଅତି କମରେ ୪୦ ଟଙ୍କା ନକଲେ ୩ ଲକ୍ଷ ଦୁଗ୍ଧ ଚାଷୀ ଓ ତାଙ୍କ ପରିବାର ରାଜ୍ୟବ୍ୟାପୀ କ୍ଷୀର ଢାଳି ପ୍ରତିବାଦ କରିବେ । ଏଥିପାଇଁ ଆସନ୍ତା ୧୫ ତାରିଖରେ ମହାସଂଘର ସାଧାରଣ ପରିଷଦ ବୈଠକ ଡକାଯାଇଛି ।ସେପଟେ ଦୁଗ୍ଧ ଚାଷୀ ସରକାରଙ୍କ ପାଖରେ ନିଜର ହକ ପାଇଁ କହି କହି ନିରାଶ । ଏବେ ଚାଷ ଛାଡିବାକୁ ନିଷ୍ପତ୍ତି ନେଲେଣି ଚାଷୀ । ସରକାର ଯାହା କହୁଛନ୍ତି, ତା'ର କିଛି ବି ପ୍ରତିଫଳନ ଦେଖିବାକୁ ମିଳୁ ନାହିଁ ବୋଲି ଅଭିଯୋଗ ହୋଇଛି । କ୍ଷୀରର ଉଚିତ ମୂଲ୍ୟ ମିଳୁ ନ ଥିବାବେଳେ ଗୋଖାଦ୍ୟ ଦାମ ମଧ୍ୟ ଏବେ ଆକାଶଛୁଆଁ । ସେପଟେ ସରକାର ବିଭିନ୍ନ ଯୋଜନା କଥା ଘୋଷଣା କରିଥିଲେ ମଧ୍ୟ ସେସବୁ କେବଳ ଶୁଣିବାକୁ ମିଳୁଛି କିନ୍ତୁ କାମରେ କିଛି ନାହିଁ ବୋଲି ଦୁଗ୍ଧ ଚାଷୀ କହିଛନ୍ତି । ତେଣୁ ଦୁଗ୍ଧ ଚାଷୀ ମହାସଂଘର ରାଜ୍ୟବ୍ୟାପୀ ଆନ୍‌ଦୋଳନ ଡାକରାକୁ ସମର୍ଥନ ଦେବା ସହ ସମସ୍ତେ ରାସ୍ତାକୁ ଓହ୍ଲାଇବେ ବୋଲି ଦୁଗ୍ଧ ଚାଷୀ କହିଛନ୍ତି ।ସେପଟେ ସରକାରୀ ସ୍ତରରେ ଅନ୍ୟ କମ୍ପାନୀର ଦୁଗ୍ଧଜାତ ସାମଗ୍ରୀ ବ୍ୟବହାର ନ କରି ଓମ୍‌ଫେଡ୍ କ୍ଷୀର, ଦହି, ଲସି ଆଦି ଯୋଗାଇବାକୁ ଦାବି କରିଛି ଦୁଗ୍ଧ ଚାଷୀ ମହାସଂଘ । ଯାହା ଫଳରେ ରାଜ୍ୟର ଦୁଗ୍ଧ ଚାଷୀମାନେ ଆର୍ଥିକ କ୍ଷେତ୍ରରେ ଅଧିକ ସମୃଦ୍ଧ ହୋଇପାରିବେ ବୋଲି କୁହାଯାଇଛି ।

## ଦୀଘାରୁ ହଟିଲା 'ଜଗନ୍ନାଥ ଧାମ' ନାମ

ଭୁବନେଶ୍ୱର,୫।୫(ପି.ଏନ): ବିବାଦ ବଢ଼ିବା ପରେ ଦୀଘାରୁ ହଟିଲା 'ଜଗନ୍ନାଥ ଧାମ' ନାମ । ନାମକରଣ ବୋର୍ଡରେ ଯେଉଁ ଜଗନ୍ନାଥ ଧାମ ଲେଖାଯାଇଥିଲା, ତାକୁ ହଟାଇ ଦିଆଯାଇଛି । ଶ୍ରୀମନ୍ଦିର ପ୍ରଶାସନ ସମେତ ଓଡ଼ିଶା ଓ କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ବିରୋଧ ପରେ ଦୀଘାରୁ ହଟାଇ ଦିଆଯାଇଛି ଜଗନ୍ନାଥ ଧାମ ନାମ । ସୋସିଆଲ ମିଡିଆ ଏକ୍ସରେ ଏହି ସୂଚନା ଦେଇଛନ୍ତି ବିଜେପି ଆଇଟି ସେଲର ମୁଖ୍ୟ ଅମିତ ମାଲବ୍ୟ ।

## ଅଷ୍ଟ୍ରେଲିଆ ଓଡ଼ିଆ ସମାଜ ପକ୍ଷରୁ କଳିଙ୍ଗ ଉତ୍ସବ ମହା ସମାରୋହରେ ଆୟୋଜନ



ପର୍ଥ,୫।୫(ପି.ଏନ): ଅଷ୍ଟ୍ରେଲିଆ ଓଡ଼ିଆ ସମାଜ(ଓରିଓଜ ଇଙ୍କ)ପକ୍ଷରୁ ନିକଟରେ କଳିଙ୍ଗ ଉତ୍ସବ ମହା ସମାରୋହରେ ଆୟୋଜନ କରାଯାଇଛି ।ଏହି ଉପଲକ୍ଷେ ଉତ୍ସବସ୍ଥଳ ପର୍ଥସ୍ଥିତ ସବୁଜିମା ଭରା ପଏଣ୍ଟ ୱାଲ୍ଟର ରିକ୍ରିଏସନ ସେଣ୍ଟରକୁ ଖୁବ ସରସ ସୁନ୍ଦର ଭାବରେ ସଜାଯାଇଥିବା ଦେଖା ଯାଇଥିଲା। ଏଠାରେ ଆୟୋଜିତ ଏକାଦଶତମ ତିନିଦିନିଆ ଦ୍ୱିବାର୍ଷିକ ଓଡ଼ିଆ ସମ୍ପ୍ରଦାୟଙ୍କ ବନ୍ଧୁ ମିଳନ ବେଶ ଅନନ୍ୟ ଓ ନିଆରା ଥିଲା। ଓଡ଼ିଆ ଜାତି ଓ ଓଡ଼ିଶା ରାଜ୍ୟର ମହତ୍ୱ, ମହାନତା ଓ ମହନୀୟତାକୁ ବଳିଷ୍ଠ ଢଙ୍ଗରେ ଉପସ୍ଥାପନ କରିବା, ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଓଡ଼ିଶାର ଉତ୍କୃଷ୍ଟ କଳା, ମହାନ ସଂସ୍କୃତି,ଉନ୍ନତ ପରମ୍ପରା, ଉତ୍ତୁଙ୍ଗ ଐତିହ୍ୟ, ଭାଷାଗତ ମାଧୁର୍ଯ୍ୟ ଏବଂ ବ୍ୟଞ୍ଜନର ଚାତୁର୍ଯ୍ୟର ଭବ୍ୟ ପ୍ରଦର୍ଶନ ଏହି ସମ୍ମିଳନୀରେ ଘଟିଥିଲା। ଏହି ଶୀର୍ଷ ବୈଠକରେ ଅଷ୍ଟ୍ରେଲିଆର ପ୍ରତ୍ୟେକ ପ୍ରଦେଶରୁ ଆସିଥିବା ଶତାଧିକ ଓରିଓଜର ସଦସ୍ୟ ଏବଂ ପଦାଧିକାରୀମାନେ ସେମାନଙ୍କର ପରିବାର ବର୍ଗଙ୍କ ସହିତ ଗୋଟିଏ ଛାତ ତଳେ ଏକ ମଞ୍ଚରେ ସମ୍ମିଳିତ ହୋଇ ପରସ୍ପର ମଧ୍ୟରେ ଥିବା ଘନିଷ୍ଠ ବନ୍ଧନ ଏବଂ ନିବିଡ ଭାତୃତ୍ୱ ଭାବକୁ ଉଜାଗର କରିବାର ଭରପୁର ସୁଯୋଗ ଲାଭ କରିଥିଲେ ।ଆମନ୍ତ୍ରିତ ଅତିଥି ଏବଂ ଆୟୋଜକ ନେତୃବୃନ୍ଦଙ୍କ ଦ୍ୱାରା ପାରମ୍ପରିକ ପ୍ରଦୀପ ପ୍ରଜ୍ୱଳନ ସହିତ ଉତ୍ସବର ଶୁଭାରମ୍ଭ ହୋଇଥିଲା। ବିଶିଷ୍ଟ ଅତିଥି ଭାବରେ ପର୍ଥଠାରେ ଅବସ୍ଥାପିତ ଭାରତୀୟ କନସଲ ଜେନେରାଲ ନରେଶ କୁମାର ଏବଂ ପଶ୍ଚିମ ଅଷ୍ଟ୍ରେଲିଆ ସ୍ଥିତ ଭାରତୀୟ ସମାଜର ସଭାପତି ଦୀପକ ଶର୍ମା ଯୋଗ ଦେଇଥିଲେ। ଓରିଓଜର ସଭାପତି ଡଃ ମନୋଜ ନାୟକ ଏବଂ ପଶ୍ଚିମ ଅଷ୍ଟ୍ରେଲିଆ ପ୍ରଦେଶର ମୁଖ୍ୟ ବିଘ୍ନରାଜ ମହାନ୍ତି ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ନରେଶ କୁମାର ଓ ଦୀପକ ଶର୍ମା ସେମାନଙ୍କର ଅଭିଭାଷଣରେ ଅଷ୍ଟ୍ରେଲିଆର ବହୁବିଧ ସଂସ୍କୃତି ସମ୍ପନ୍ନ ସମାଜର ଭିତ୍ତିଭୂମିକୁ ସୁଦୃ ? କରିବାରେ ଓରିଓଜ ଇଙ୍କ ବ୍ୟାପକ ଭାବେ ଯୋଗଦାନ ଦେଇ ଆସୁଥିବା ଦର୍ଶାଇ ଥିଲେ ।ସ୍ୱାଗତ ଭାଷଣ ପ୍ରଦାନ କରି ଓରିଓଜ ଇଙ୍କର ସଭାପତି ଡଃ. ମନୋଜ ନାୟକ, ବୃହତକାୟ ଅଷ୍ଟ୍ରେଲିଆ ମହାଦେଶର ଭୌଗଳିକ ଦୂରତ୍ୱର ପ୍ରତିବନ୍ଧକକୁ ଭୃକ୍ଷେପ ନକରି ଓରିଓଜର ବର୍ତ୍ତମାନର କାର୍ଯକାରୀ କମିଟିର ସଦସ୍ୟମାନେ ଯେଉଁଭଳି ଗଠନମୂଳକ କାର୍ଯ୍ୟକ୍ରମ ଓ ଗୁଣାତ୍ମକ ଘଟଣାବଳୀ ଜରିଆରେ ସମଗ୍ର ଓଡିଆ ସମ୍ପ୍ରଦାୟକୁ ସଦା ଜାଗ୍ରତ କରି ରଖିଆସିଛନ୍ତି; ତାହା ପ୍ରକୃତରେ ପ୍ରଶଂସନୀୟ ବୋଲି କହିଥିଲେ। କଳିଙ୍ଗ ଉତ୍ସବର ଆୟୋଜନକାରୀମାନେ ସୀମିତ ମାନବ ସମ୍ବଳ ସତ୍ତ୍ୱେ ସେମାନଙ୍କର ଉଦଯୋଗ ଏବଂ ଉତ୍ସର୍ଗୀକୃତ ସାଧନା ଯୋଗୁଁ ଯେପରି ବିଶାଳ ଓ ବ୍ୟାପକ ଭାବରେ କଳିଙ୍ଗ ଉତ୍ସବ ଆୟୋଜନ କରିପାରିଲେ ତାହା ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ ବୋଲି ଡଃ. ନାୟକ ଦର୍ଶାଇଥିଲେ ।ଓରିଓଜର ସମ୍ପାଦକ ଶାନ୍ତନୁ ସ୍ୱାଇଁଙ୍କ ଦ୍ୱାରା ସଙ୍କଳିତ ଏବଂ ଆଇଟି ସମ୍ପାଦକ ଜୟ ବେହେରାଙ୍କର ଅଳଙ୍କରଣରେ ପ୍ରକାଶିତ 'ସ୍ମରଣିକା : କଳିଙ୍ଗ ଉତ୍ସବ-୨୦୨୫' କୁ ଡଃ. ନାୟକ ଉନ୍‌ମୋଚନ କରିଥିଲେ।ଏହି ଅବସରରେ ଡଃ. ନାୟକ ଓରିଓଜର ସାମ୍ପ୍ରତିକ କାର୍ଯ୍ୟକାରୀ କମିଟିର କର୍ମକର୍ତ୍ତାମାନଙ୍କୁ ସାଧରଣରେ ପରିଚିତ କରାଇଥିଲେ। ସେମାନଙ୍କ ମଧ୍ୟରେ ଉପସଭାପତି ହର ପାତ୍ର, ସମ୍ପାଦକ ଶାନ୍ତନୁ ସ୍ୱାଇଁ, କୋଷାଧ୍ୟକ୍ଷ ମମତାଜ ଲେଙ୍କା, ନ୍ୟୁ ସାଉଥ ୱେଲସର ମୁଖ୍ୟ ସ୍ମିତା ସାମନ୍ତରାୟ ଏବଂ ପଶ୍ଚିମ ଅଷ୍ଟ୍ରେଲିଆ ପ୍ରଦେଶର ମୁଖ୍ୟ ବିଘ୍ନରାଜ ମହାନ୍ତି ପ୍ରମୁଖ ଅନ୍ୟତମ ଥିଲେ। ଉପ-ସଭାପତି ହର ପାତ୍ର ଭୁବନେଶ୍ୱରଠାରେ ଅଷ୍ଟ୍ରେଲିଆ ପାଇଁ ଭିସା ଆବେଦନକାରୀମାନଙ୍କର ଡାକ୍ତରୀ ପରୀକ୍ଷା ଉଦ୍ଦେଶ୍ୟରେ ଏକ ଡାକ୍ତରୀ ପ୍ୟାନେଲ ପ୍ରତିଷ୍ଠା କରିବାରେ ଓରିଓଜ ସଫଳ ହୋଇଥିବା ଜଣାଇଥିଲେ। ଓରିଓଜକୁ ସମୃଦ୍ଧ ଓ ସଶକ୍ତ କରିବାରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜେନ୍ଦ୍ର ପାଢ଼ୀଙ୍କୁ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା ।ଶିଶୁଠାରୁ ବରିଷ୍ଠ ସବୁ ବୟସର କଳାକାରମାନଙ୍କୁ ନେଇ ଦୁଇଦିନର ସନ୍ଧ୍ୟାରେ ପ୍ରସ୍ତୁତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ କଳିଙ୍ଗ ଉତ୍ସବର ସ୍ୱତନ୍ତ୍ର ଆକର୍ଷଣ ଥିଲା। ମହେଶ ସାହୁଙ୍କର ସଂଯୋଜନାରେ ପରିବେଷିତ ପ୍ରସ୍ତୁତିଗୁଡ଼ିକ ମଧ୍ୟରେ ମନଲୋଭା ଓଡିଶୀ, ମର୍ମସ୍ପର୍ଶୀ ଲୋକନୃତ୍ୟ, ସୁମଧୁର ସଙ୍ଗୀତ ଏବଂ ଆକର୍ଷଣୀୟ ଫ୍ୟାଶନ ପ୍ୟାରେଡ ଅନ୍ତର୍ଭୁକ୍ତ ଥିଲା। ବିଶେଷକରି ନ୍ୟୁ ସାଉଥ ୱେଲସର୍ ଶିଶୁମାନଙ୍କ ଦ୍ୱାରା ଦାରୁବ୍ରହ୍ମ ଭାବେ ଶ୍ରୀ ଜଗନ୍ନାଥଙ୍କର ଆବିର୍ଭାବ ବିଷୟ ବସ୍ତୁ ଉପରେ ଆଧାରିତ ନୃତ୍ୟ ନାଟିକା, ଅମିତ ମହାନ୍ତିଙ୍କର ସଂଯୋଜନାରେ ଉତ୍ତମ ମହାନ୍ତିଙ୍କର ସ୍ମୃତିରେ ପ୍ରସ୍ତୁତ ସାଙ୍ଗୀତିକ ଶ୍ରଦ୍ଧାଞ୍ଜଳି, ଚାରୁ ମିଶ୍ରଙ୍କ ଦ୍ୱାରା ପରିକଳ୍ପିତ ଢଗଢମାଳି ଉପରେ ଆଧାରିତ କୁଇଜ୍ ପ୍ରତିଯୋଗିତା ଏବଂ ପଶ୍ଚିମ ଅଷ୍ଟ୍ରେଲିଆ ଟିମ ଦ୍ୱାରା ପରିବେଷିତ 'ମୋ ଶବ ବାହକମାନେ' ଶୀର୍ଷକ ହାସ୍ୟ ନାଟିକା ଦର୍ଶକମାନଙ୍କ ଦ୍ୱାରା ଖୁବ ଆଦୃତ ହୋଇଥିଲା। ପ୍ରାରମ୍ଭରେ ବିଘ୍ନରାଜ

## ଜୁନ ୩୦ ସୁଦ୍ଧା ସୀମା ପୁନଃନିର୍ଦ୍ଧାରଣ କାମ ସାରିବାକୁ ରାଜସ୍ୱ ବିଭାଗର ନିର୍ଦ୍ଦେଶ, ସରକାରଙ୍କୁ ଘେରିଲେ ବିରୋଧୀ



ଭୁବନେଶ୍ୱର,୫।୫(ପି.ଏନ): ଜୁନ ୩୦ ସୁଦ୍ଧା ପ୍ରଶାସନିକ ସୀମା ପୁନଃ ନିର୍ଦ୍ଧାରଣ କାମ ସାରିବାକୁ ରାଜସ୍ୱ ବିଭାଗ ନିଷ୍ପତ୍ତି ନେବା ପରେ ଆରମ୍ଭ ହୋଇଛି ରାଜନୀତି । ହାତରେ ଦୁଇ ମାସରୁ କମ ସମୟ । ଏହା ଭିତରେ ନୂତନ ରାଜସ୍ୱ ଗାଁ କି ନୂତନ ପେ ?ର ସଂସ୍ଥା ଗଠନ ହେବାର ଆଶା ମଉଳିଛି । ଆଗକୁ ପଞ୍ଚାୟତ ଓ ପେ ?ର ନିର୍ବାଚନ ଥିବାରୁ ନିଜ ଇଚ୍ଛା ଅନୁସାରେ ଗାଁ ଓ ପେ ?ର ସଂସ୍ଥା ଗଢିବାକୁ ଏହା ସରକାରଙ୍କ ଷଡ଼ଯନ୍ତ୍ର ବୋଲି ବିରୋଧୀ ଅଭିଯୋଗ କରିଛନ୍ତି । ସେପଟେ ସରକାର ବି ଏତେ କମ ସମୟ ଭିତରେ ନୂତନ ରାଜସ୍ୱ ଗାଁ କି ନୂତନ ପେ ?ର ସଂସ୍ଥା ଗଠନ କରିବା ନେଇ ସ୍ପଷ୍ଟ ଚିତ୍ର ଦେଇ ପାରିନାହାନ୍ତି ।ମଉଳିଲା ଆଶା । ପଡ଼ା ଗାଁକୁ ରାଜସ୍ୱ ଗାଁ ମାନ୍ୟତା ପାଇଁ ଅପେକ୍ଷାରେ ଅନ୍ତ ଘଟିବାର ସମ୍ଭାବନା କମ୍ । ସେହିପରି ନୂତନ ଏନଏସି କି ପେ ?ର ପରିଷଦ ଗଠନର ବି ଆଶା ନୋହିଲା । ଏପରିକି ପଦମପୁରକୁ ଜିଲ୍ଲା ମାନ୍ୟତା ମିଳିବା ଆଶା ବି ଅନ୍ଧାର ଆଡ଼କୁ ଠେଲି ହୋଇଯାଇଛି । କାରଣ ହଠାତ୍ ରାଜସ୍ୱ ବିଭାଗ ଜୁନ ୩୦ ସୁଦ୍ଧା ପ୍ରଶାସନିକ ସୀମା ପୁନଃ ନିର୍ଦ୍ଧାରଣ କାମ ସାରିବାକୁ ନିର୍ଦ୍ଦେଶ ଦେଇଛି । ନବୀନ ପଟ୍ଟନାୟକ ସମୟରେ ଅନେକ ପଡ଼ା ଗାଁ ରାଜସ୍ୱ ଗାଁ ଓ ନୂତନ ଏନଏସି ଓ ପେ ?ର ପରିଷଦ ପାଇଁ ଘୋଷଣା ହୋଇଥିଲା । ହେଲେ ସରକାର ବଦଳିବା ପରେ ଏହି କାମକୁ ଆଉ ଆଗେଇ ନାହାନ୍ତି ଡବଲ ଇଂଜିନ ସରକାର । ସେପଟେ ଲୋକଙ୍କ ଅପେକ୍ଷାକୁ ରାଜସ୍ୱ ବିଭାଗର ଛାଟ ପଡ଼ିଛି । ହାତରେ ଦୁଇ ମାସରୁ କମ ସମୟ ବାକି ଅଛି । ଏତେ କମ୍ ସମୟରେ କିପରି ପ୍ରଶାସନିକ ସୀମା ପୁନଃ ନିର୍ଦ୍ଧାରଣ ହେବ ବୋଲି ପ୍ରଶ୍ନ କରିଛନ୍ତି ବିରୋଧୀ । ପଞ୍ଚାୟତ ନିର୍ବାଚନ ଓ ଦଳୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଜେପି ସୀମା ପୁନଃ ନିର୍ଦ୍ଧାରଣରେ ବ୍ରେକ ଲଗାଉଥିବା ବିଜେଡି ଅଭିଯୋଗ କରିଛି । ଜନଗଣନା ପରେ ଏ ସବୁ କାର୍ଯ୍ୟକ୍ରମ ଆଗେଇବାକୁ କଂଗ୍ରେସ ଦାବି କରିଛି । ନୂତନ ରାଜସ୍ୱ ଗାଁ କି ନୂତନ ପେ ?ର ସଂସ୍ଥା ଗଠନ ନ ହେଲେ ଲୋକଙ୍କ କ୍ଷତି ହେବ । ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଏପରି କରାଯାଇଥିବା କଂଗ୍ରେସ ଅଭିଯୋଗ କରିଛି । ହାରିଲେ ମନ୍ତ୍ରିମଣ୍ଡଳ ଟଳମଳ ହେବା ଭୟ ଥିବା କଟାକ୍ଷ କରିଛନ୍ତି ବିରୋଧୀ ।ଆସନ୍ତା ଜୁଲାଇରେ ଜନଗଣନା ହେବା ନେଇ ସରକାର ସ୍ପଷ୍ଟ କରିଛନ୍ତି । ହେଲେ ଏ କଥା ସ୍ପଷ୍ଟ କରି ପାରୁ ନାହାନ୍ତି କି ଏତେ କମ୍ ସମୟ ଭିତରେ ନୂତନ ରାଜସ୍ୱ ଗାଁ କି ନୂତନ ପେ ?ର ସଂସ୍ଥା ଗଠନ ହେବ କି ନାହିଁ । ଆବେଦନ ଗୁଡ଼ିକୁ ମଞ୍ଜୁରୀ ଦେବାକୁ ଚେଷ୍ଟା କରିବେ ବୋଲି ସରକାର ସଫେଇ ଦେଇଛନ୍ତି ।ବିଜେପି ସରକାରକୁ ୧୦ ମାସ ପୂରିଲାଣି । ଏହି ସମୟ ଭିତରେ ପୁରୁଣା ସରକାରଙ୍କ ଗୋହି ଖୋଳାରୁ ନିବୃତ୍ତ ରହି ବାକି ପଡ଼ିଥିବା ଯୋଜନାକୁ ଆଗେଇ ଥିଲେ, ଆଜି ଠିକ୍ ସମୟରେ ସୀମା ପୁନଃ ନିର୍ଦ୍ଧାରଣ କାମ ସରିଥାନ୍ତା । ଏବେ ଡେଡଲାଇନ ମିଳି ଗଲାଣି । ବାହାଘର ଦିନ ବାଇଗଣ ରୁଆ ପରି ତରବରିଆ ଭାବେ କାମ କଲେ ଭବିଷ୍ୟତ ପାଇଁ ସୁଫଳ ମିଳିବନି ବୋଲି ଚର୍ଚ୍ଚା ହେଉଛି ।

## କଂଗ୍ରେସ ଦଳ ତରଫରୁ ଅନୁସନ୍ଧାନ କମିଟି ଦୁର୍ଘଟଣା ସ୍ଥଳ ପରିଦର୍ଶନ



ଭୁବନେଶ୍ୱର,୫।୫(ପି.ଏ: କଟକ ଟ୍ରେନ ଦୁର୍ଘଟଣାରେ ମୃତ୍ୟୁ ୩ ଜଣ କର୍ମଚାରୀଙ୍କୁ ଅନ୍ୟୁନ ୫୦ ଲକ୍ଷ ଟଙ୍କା ଦେବା ଓ ବିଚାର ବିଭାଗୀୟ ତଦନ୍ତ କରିବା ପାଇଁ ବରିଷ୍ଠ କଂଗ୍ରେସ ନେତା, ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆଙ୍କ ଦାବି। କଟକ ଖାନନଗର ଠାରେ ନୂତନ ଭାବରେ ନିର୍ମିତ ହେଉଥିବା ବ୍ରିଜର ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ୩ଜଣ କର୍ମଚାରୀଙ୍କ ପରିବାରକୁ ଅନ୍ୟୁନ ୫୦ ଲକ୍ଷ ଟଙ୍କା ସାହାଯ୍ୟ ଦେବା ଓ ଆହତ ୨ ଜଣଙ୍କୁ ସମସ୍ତ ଚିକିତ୍ସା ଖର୍ଚ୍ଚ ସହିତ ଅନ୍ୟୁନ ୫ ଲକ୍ଷ ଟଙ୍କା କ୍ଷତି ପୂରଣ ଦେବା ପାଇଁ ଓ ମର୍ମନ୍ତୁଦ ଦୁର୍ଘଟଣାର କାରଣ ସମ୍ବନ୍ଧରେ ଅନୁସନ୍ଧାନ କରିବା ପାଇଁ ଜଣେ ଅବସର ପ୍ରାପ୍ତ ଜଜ୍‌ଙ୍କ ଦ୍ୱାରା ବିଚାର ବିଭାଗୀୟ ତଦନ୍ତ କରିବା ପାଇଁ ବରିଷ୍ଠ କଂଗ୍ରେସ ନେତା ଡ. ରାମଚନ୍ଦ୍ର ଖୁଣ୍ଟିଆ ଦାବି କରିଛନ୍ତି। କଂଗ୍ରେସ ଦଳର ନିର୍ଦ୍ଦେଶ କ୍ରମେ ଆଜି ଅପରାହ୍ନରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆ ଦୁର୍ଘଟଣା ଅଂଚଳ ପରିଦର୍ଶନ କରିଥିଲେ। ତାଙ୍କ ସହିତ କଂଗ୍ରେସର ପୂର୍ବତନ ଜିଲ୍ଲା ସଭାପତି ଶ୍ରୀମତୀ ଗିରିବାଳା ବେହେରା, କଟକ ପୌରପରିଷଦର ବିରୋଧଦଳର ନେତା ସନ୍ତୋଷ ଭୋଳ, କର୍ପୋରେଟର ଲିଜାରାଣି ରାଉତ, କାମେଶ୍ୱର ରାଓ, ସୁବାସିଷ ପଟ୍ଟନାୟକ, ଅମ୍ରିତା ଦାସ, ପ୍ରଭାତୀ ପଟ୍ଟନାୟକ, ଅଜୟ ଗୋଛାୟତ, ସୁରଜିତ ସାହୁ, ଦିଲ୍ଲିପ ନାୟକ-ସାମ୍ବାଦିକ ଓ ମାମାନି ମିଶ୍ର ପ୍ରମୁଖ କଂଗ୍ରେସ ନେତା ଉପସ୍ଥିତ ଥିଲେ। ଓଡ଼ିଶା ରାଜ୍ୟ ମୁଖ୍ୟମନ୍ତ୍ରୀ ମୃତ୍ୟୁ ପରିବାରକୁ ୫ ଲକ୍ଷ ଟଙ୍କା ଦେବା ଓ ଜଣେ ସବ୍‌କଲେକ୍ଟରଙ୍କୁ ଓ ପୂର୍ତ୍ତ ବିଭାଗକୁ ଅନୁସନ୍ଧାନ କରିବା ପାଇଁ ଦାୟିତ୍ୱ ଦେବା ଆଦୌ ଗ୍ରହଣୀୟ ନୁହେଁ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଲି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢ଼ଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା। ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼। କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲେ।ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସଓ୍ୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

# ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହି କୁହନ୍ତି ।




# ବିଜାତଳା ଲ୍ୟାମ୍ପସରେ ଧାନମଣ୍ଡି ଶୁଭ ଉଦ୍‌ଘାଟିତ




ରାଇରଙ୍ଗପୁର ,(ପି.ଏନ): ମୟୂରଭଞ୍ଜ ଜିଲ୍ଲାର ବିଜାତଳା ବ୍ଲକ ଅନ୍ତର୍ଗତ ବିଜାତଳା ଲ୍ୟାମ୍ପସରେ ଧାନମଣ୍ଡି ଆଜି ଶୁଭଉଦଘାଟିତ ହୋଇଯାଇଛି । ବ୍ଲକ ଅଧକ୍ଷା ଶ୍ରୀମତୀ ରାଣୀ ମୁର୍ମୁ ମୂଖ୍ୟଅତିଥି ଭାବେ ଯୋଗ ଦେଇ ଫିତା କାଟି ମଣ୍ଡି ଉଦଘାଟନ କରିଥିଲେ । ସମ୍ମାନୀୟ ଅତିଥିଭାବେ ବିଡ଼ିଓ ବଂଶୀଧର ଖୋସଲା , ମଣ୍ଡି ସୁପରଭାଇଜିଂ ଅଫିସର ତଥା ବିଜାତଳା ତହସିଲଦାର ଅଶ୍ୱନୀ କୁମାର ଭୂୟାଁ , ସମବାୟ ନିରୀକ୍ଷକ ପ୍ରବୀର କୁମାର ଟୁଡୁ, ଲ୍ୟାମ୍ପ ସଭାପତି ରାମଚନ୍ଦ୍ର ବେଶ୍ରା ପ୍ରମୁଖ ଯୋଗଦେଇ ମଣ୍ଡି ଉଦଘାଟନରେ ସହଯୋଗ କରିଥିଲେ । ନୋଡାଲ ଅଧିକାରୀ ଭାବେ ସୌମ୍ୟରଞ୍ଜନ ମହାନ୍ତି ଥିବାବେଳେ ରାଇରଙ୍ଗପୁର ନିୟନ୍ତ୍ରିତ ବଜାର କମିଟିର କର୍ମଚାରୀ ଉପସ୍ଥିତ ଥିଲେ । ପ୍ରତି ସପ୍ତାହର ମଙ୍ଗଳବାର ଓ ଶୁକ୍ରବାର ଦିନ ମଣ୍ଡିରେ ଧାନ କିଣାଯିବ ବୋଲି ଲ୍ୟାମ୍ପ ପକ୍ଷରୁ ସୂଚନା ଦିଆଯାଇଛି । କାର୍ଯ୍ୟକ୍ରମକୁ ଲ୍ୟାମ୍ପ କର୍ମଚାରୀ ଭାଗିରଥି ମୁର୍ମୁ ଏବଂ ସଞ୍ଜୟ କୁମାର ବେହେରା ପରିଚାଳନା କରିଥିବାବେଳେ କ୍ଷୀରୋଦ କୁମାର ଧଳ , ନିରୋଜ କୁମାର ଗିରି, ରାମଜିତ ବେଶ୍ରା, ଶଙ୍କର ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଯୋଗାଣ ଅଧିକାରୀଙ୍କ ସମେତ ଲ୍ୟାମ୍ପ ନିର୍ଦ୍ଦେଶକ ପାରାଉ ମାଝୀ, ବୁଦ୍ଧାନ ଟୁଡୁ, ଗୋପାଳ ନନ୍ଦ ଉପସ୍ଥିତ ଥିଲେ । ଚଳିତ ଥର ଏଫଏକ୍ୟୁ ଧାନର ସହାୟକ ମୂଲ୍ୟ ୨୩ ଶହ ରହିଥିବାବେଳେ ସରକାରଙ୍କ ବୋନସ ଟଙ୍କା ୮୦୦ କୁ ମିଶାଇ କୁଇଣ୍ଟାଲ ପ୍ରତି ୩୧ ଶହ ଟଙ୍କା ଚାଷୀଙ୍କୁ ମିଳିବ ବୋଲି ସୂଚନା ରହିଛି । ତେବେ ଧାନକୁ ଭଲ ଭାବେ ଶୁଖାଇ ଓ ପରିଷ୍କାର କରି ମଣ୍ଡିକୁ ଆଣିବାକୁ ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ଅନିରୁଦ୍ଧ ନନ୍ଦ ଚାଷୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

# ତିରୁପତି ରାଷ୍ଟ୍ରୀୟ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ମାନ୍ୟବର ବାଚସ୍ପତିଙ୍କୁ 'ଉତ୍କଳକମଳା' ସମ୍ମାନରେ ସମ୍ମାନିତ

ଭୁବନେଶ୍ୱର:,(ପି.ଏନ): ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଦେବଭାଷା ସଂସ୍କୃତର ଗୁରୁତ୍ୱ ସର୍ବଜନବିଦିତ । ଭକ୍ତି ଓ ଆଧ୍ୟାତ୍ମିକ ସାହିତ୍ୟରେ ଏହାର ବହୁଳ ବ୍ୟବହାର ପରିଲକ୍ଷିତ ହୋଇଥାଏ । ଆମର ଆଧୁନିକ ଭାଷା ସଂସ୍କୃତର ମୂଳ ଆଧାରରୁ ସମୃଦ୍ଧ ହୋଇପାରିଛି । ଏପରିକି ଦକ୍ଷିଣ-ଏସୀୟ ଓ ଦକ୍ଷିଣ-ପଶ୍ଚିମ ଏସିଆନ୍ ? ଭାଷାର ମୂଳଭିତ୍ତି ମଧ ସଂସ୍କୃତ । ସଂସ୍କୃତ ବା ଦେବନାଗରୀ ହିନ୍ଦୁଧର୍ମର ପବିତ୍ର ଭାଷା ହୋଇଥିବାବେଳେ ବୌଦ୍ଧ, ଜୈନ ଧର୍ମର ଦର୍ଶନ ଶାସ୍ତ୍ରରେ ଏହାର ବହୁଳ ବ୍ୟବହାର ଦେଖିବାକୁ ମିଳିଥାଏ ବୋଲି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ପ୍ରକାଶ କରିଛନ୍ତି । ତିରୁପତିସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ବିଦ୍ୟାଳୟଠାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ବାଚସ୍ପତି ଶ୍ରୀମତୀ ପାଢ଼ୀଙ୍କୁ 'ଉତ୍କଳକମଳା' ସମ୍ମାନରେ ସମ୍ମାନିତ କରା ଯାଇଛି । ସମ୍ମାନ ଗ୍ରହଣ କରିବା ଅବସରରେ ଶ୍ରୀମତୀ ପାଢ଼ୀ ଶ୍ରୀମଦ୍ ? ଭଗବତଗୀତା ଉପରେ ବିଶଦ ଭାବେ



ବାଖ୍ୟାନ କରି କହିଛନ୍ତି ଯେ ଗୀତା ପଠନ ଅଭ୍ୟାସ ଓ ଏହାର ଦୈନନ୍ଦିନ ଜୀବନରେ ବ୍ୟବହାର ଦ୍ୱାରା ସୁସ୍ଥ ପରିବାର ସହ ସମୃଦ୍ଧ ସମାଜ ଗଠନ କରାଯାଇପାରିବ । ଦେବଭାଷା ସଂସ୍କୃତର ଚରମ ଉତ୍କର୍ଷକୁ ପ୍ରତିପାଦନ କରିବା ସହ ବିଶ୍ୱବିଦ୍ୟାଳୟ ଓଡ଼ିଶା ଚେୟାରର ବିକାଶ ଓ ଅଭିବୃଦ୍ଧି ଦିଗରେ ସମସ୍ତ ପ୍ରକାର ସହଯୋଗ ରକ୍ଷା କରାଯିବ ବୋଲି ଶ୍ରୀମତୀ ପାଢ଼ୀ ଉଲ୍ଲେଖ କରିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ତିରୁପତିସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ବିଦ୍ୟାଳୟର ଓଡ଼ଶା ଚେୟାର ପ୍ରତିଷ୍ଠାର ରୌପ୍ୟଜୟନ୍ତୀ ପାଳନ ଅବସରରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀଙ୍କୁ 'ଉତ୍କଳକମଳା' ସମ୍ମାନରେ ସମ୍ମାନିତ କରାଯାଇଛି । ବିଶ୍ୱବିଦ୍ୟାଳୟରେ ୧୯୯୭ରେ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ ପାଇଁ ଓଡ଼ିଶା ଚେୟାର ପ୍ରତିଷ୍ଠା କରାଯାଇଥିଲା । ଏଠାରେ ଶ୍ରୀଜଗନ୍ନାଥ ସଂସ୍କୃତି, ଶ୍ରୀ ଜୟଦେବଙ୍କ ସାହିତ୍ୟ ଓ ଚୈତନ୍ୟଙ୍କ ଦର୍ଶନ ସମ୍ପର୍କରେ ଶିକ୍ଷା ଓ ଗବେଷଣା ଚାଲୁ ରହିଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜି. ଏସ୍ ?. ଆଇ. କୃଷ୍ଣମୂର୍ତ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ 'ଉତ୍କଳପୀଠ' ତଥା ଓଡ଼ିଶା ଚେୟାରର ନିର୍ଦ୍ଦେଶକ ଡା. ଜ୍ଞାନରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କୁଳସଚିବ ପ୍ରଫେସର ଆର୍ ?.ଜେ. ରମାଶ୍ରୀ ଉତ୍କଳପୀଠର ପରିଚୟ ତଥା କାର୍ଯ୍ୟକ୍ରମ ବିଷୟରେ ବାଚସ୍ପତିଙ୍କୁ ଅବଗତ କରାଇଥିଲେ ।

# ନୂତନ ବିଡ଼ିଓଙ୍କୁ ସାମ୍ବାଦିକ ସଂଘ ବଙ୍ଗୋମୁଣ୍ଡା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା



ବଲାଙ୍ଗିର, : ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ର ନୂତନ ଭାବେ ଯୋଗ ଦେଇଥିବା ବିଡ଼ିଓ ବିଜୟ କୁମାର ହୋତା ଙ୍କୁ ସାମ୍ବାଦିକ ସଂଘ ବଙ୍ଗୋମୁଣ୍ଡା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକ ସଂଘର ସଭାପତି ରଶ୍ମିରଞ୍ଜନ ପୁଟେଲଙ୍କ ନେତୃତ୍ୱରେ ସମ୍ପାଦକ ହୁଲେଶ୍ୱର ହଂସ, କୋଷାଧକ୍ଷ ଦୀପକ କୁମାର ଦାସ ଯାଦବ, କାର୍ଯ୍ୟକାରୀ ସଭାପତି ଅଶୋକ ନାରାୟଣ ଭୋଇ, ଉପସଭାପତି ସୁଶାନ୍ତ ବେହେରା, ସଦସ୍ୟ ନାରାୟଣ ମିଶ୍ର, ସୁଶାନ୍ତ ଥନାପତି,ରାଧେଶ୍ୟାମ ମେହେର ପ୍ରମୁଖଙ୍କ ସହ ବହୁ ସଦସ୍ୟ ମାନେ ସାମିଲ ହୋଇଥିଲେ । ବଙ୍ଗୋମୁଣ୍ଡା ବ୍ଲକ ଅଞ୍ଚଳ ରେ ଦେଖା ଦେଇଥିବା ବିଭିନ୍ନ ସମସ୍ୟାକୁ କିପରି ଭାବେ ସମାଧାନ କରାଯିବା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଏହି ଅବସର ରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଛତରଦାଣ୍ଡି ଘଞ୍ଚ ଜଙ୍ଗଲ ପରିସରରେ ଥିବା ଗୁମ୍ଫା ଡ୍ୟାମକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପାଇଁ ମଧ ଦାବି କରାଯାଇଥିଲା ।ଐତିହାସିକ ଯୋଗିନୀ ପୀଠ ରାଣୀପୁର ଝରିଆଲ ୬୪ ଯୋଗିନୀ ମନ୍ଦିର ର ବିକାଶ ଉପରେ ମଧ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ବ୍ଲକ କର୍ମଚାରୀ ମାନେ ସହଯୋଗ କରିଥିଲେ।

# ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ

ତେଲକୋଇ - ନେହେରୁ ଯୁବ କେନ୍ଦ୍ରର କେନ୍ଦୁଝର ଙ୍କ ଦ୍ୱାରା ଓ ଭୋରୀ ସ୍ୱେଚ୍ଛାସେବୀ ସଙ୍ଗଠନ ତେଲକୋଇ ସହଯୋଗରେ ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ତେବେ ଏହି କ୍ରୀଡା ପ୍ରତିଯୋଗିତା ବ୍ଲକର ସିନ୍ଦୁରିଆ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ବିଭିନ୍ନ ପ୍ରକାର ଖେଳ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି କ୍ରୀଡ଼ା ରେ ପାଟଖଳି ଗ୍ରାମର ଦିବ୍ୟଜ୍ୟୋତି କ୍ଲବ ଓ ମା ତାରିଣୀ ମହିଳା ସଙ୍ଗଠନ, ଅଜୟପୁର କ୍ଲବ, ଯାହେରାଇ କ୍ଲବ କାଟେଣିପଶି, ଆଲୁଣି ଯୁବକ ସଂଘ, ମା ନାଗପାଟ ମହିଳା ସଂଘ କାଟେଣିପଶି ତଥା ସିନ୍ଦୂରିଆ କ୍ଲବ ପ୍ରଭୃତି ଯୁବ ସଙ୍ଗଠନ ସଦସ୍ୟ ମାନେ ଅଂଶ ଗ୍ରହଣ କରିଥିଲେ।



ଉକ୍ତ ପ୍ରତିଯୋଗିତାରେ ପୁରୁଷ ବିଭାଗର ୧୦୦ମିଟର ଦୌଡ ଓ ଫୁଟବଲ ଟୁର୍ଣ୍ଣାମେଣ୍ଟ ମାନ ଆୟୋଜନ କରାଯାଇଥିଲା। ସେହିପରି ମହିଳା ବର୍ଗର ବ୍ୟାଡ ମିଣ୍ଟନ୍, ସାଇକେଲ ସ୍ଲୋ ଓ କବାଡି ଖେଳ ଅନୁଷ୍ଠିତ ହୋଇଥଲା। ଉକ୍ତ ଖେଳକୁ ଜଟ ହାଇସ୍କୁଲ ର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ସିନ୍ଦୁରିଆ ହାଇସ୍କୁଲ ର ଖେଳ ଶିକ୍ଷକ ନରୋତ୍ତମ ଦଳ ନାୟକ, ଆକୁଳ ହାଇସ୍କୁଲ ର ଖେଳ ଶିକ୍ଷକ କ୍ଷିରୋଦ ଚଂଦ୍ର ମହାନ୍ତ, ଜଟ ହାଇସ୍କୁଲର ଖେଳ ଶିକ୍ଷକ ଭୀମସେନ ବାରିକ ଖେଳ ପରିଚାଳନା କରିଥିଲେ। ପରିଶେଷରେ ବିଜୟୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଦିବ୍ୟଜ୍ୟୋତି କ୍ଲବ କୁ ଭଲିବଲ୍ ଓ ନେଟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଭୋରି ସ୍ୱେଚ୍ଛାସେବୀ ସଙ୍ଗଠନର ସମ୍ପାଦକ ନରୋତ୍ତମ ମହାକୁଡ଼ ପରିଚାଳନା କରିଥିଲେ ।

# କାର୍ଯ୍ୟ ଅବଧି ସରିଥିଲେ ମଧ ଦୀର୍ଘ ବର୍ଷ ହେବ ପାର୍କ ନିର୍ମାଣ ଅଧପନ୍ତରିଆ



କନ୍ଧମାଳ, : ପୂର୍ବତନ ରାଜ୍ୟ ସରକାରଙ୍କ ସମୟରେ ସହରଠୁ ଆରମ୍ଭ କରି ଗ୍ରାମାଞ୍ଚଳ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ପାଇଁ ଅନୁଦାନ ଘୋଷଣା ସହିତ ପ୍ରଦାନ କରିବା ପରେ ମଧ ଆଜି ପର୍ଯ୍ୟନ୍ତ ଅନେକ ସ୍ଥାନରେ କାର୍ଯ୍ୟ ନିମ୍ନ ମାନର ହେବା ସହିତ ଅଧପନ୍ତରିଆ ଅବସ୍ଥା ଥିବା ଦୃଶ୍ୟ ସାମନାକୁ ଆସିଛି । ହେଲେ ସୂଚନା ଥାଉ କି ବାଲିଗୁଡ଼ା ବ୍ଲକ ର ବାଟାଗୁଡ଼ା ବାରଖମା ଗାଁରେ ଅଞ୍ଚଳର ସ୍ୱନ୍ଦର୍ଯ୍ୟକରଣ ନିମନ୍ତେ ପାର୍କ ନିର୍ମାଣ ପାଇଁ ଠିକାଦାରଙ୍କୁ କାର୍ଯ୍ୟଦେଶ ହୋଇଥିବା ବେଳେ ନିମ୍ନ ମାନର ପାର୍କ ନିର୍ମାଣ ସହିତ ସୂଚନା ଫଳକରେ କାର୍ଯ୍ୟ ଶେଷ ଅବଧି ସରିଥିଲେ ସୁଦ୍ଧା କାମ ଅଧପନ୍ତରିଆ ହୋଇ ପଡ଼ି ରହିଛି । ସୂଚନା ଅନୁସାରେ କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ବ୍ଲକ୍ ଅନ୍ତର୍ଗତ ବାଟାଗୁଡ଼ା ଗାଁରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଆର୍ଥିକ ୨୧-୨୨ ମସିହା ରେ ବାଟାଗୁଡ଼ା ଗାଁରେ ସ୍ୱନ୍ଦର୍ଯ୍ୟକରଣ ନିମନ୍ତେ ଏକ ପାର୍କ ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ହେଲେ ୨୦୨୪ ମସିହା ଶେଷ ହେଉଥିବା ବେଳେ ଆଜି ପର୍ଯ୍ୟନ୍ତ ପାର୍କ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ରହିଛି ଏ ବାବଦରେ ବାଲିଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବିଭାଗୀୟ ଯନ୍ତ୍ରୀ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ ସୁଦ୍ଧା କୌଣସି ସନ୍ତୋଷ ଜନକ ପ୍ରତିକିୟା ପାରିନି ।

## ଚାଂଚଲ୍ୟକର ଚୋରି ଘଟଣାର ପର୍ଦ୍ଦାଫାଶ : ଲକ୍ଷାଧିକ ଟଙ୍କା ସହ ଚୋରି ସୁନାଗହଣା ଉଦ୍ଧାର : ଜଣେ ଗିରଫ

ସମ୍ବଲପୁର, : ସମ୍ବଲପୁର ପୋଲିସକୁ ମିଳିଛି ବଡ଼ ସଫଳତା । ବୁର୍ଲା କିରଓ୍ୱା ଅଂଚଳର ପ୍ରିତୀ ପଣ୍ଡା ନାମ୍ନୀ ଜନୈକା ୨୩ ବର୍ଷିଆ ଯୁବତୀଙ୍କ ଘରୁ ଗତ ଡିସେମ୍ବର ୧୦ ତାରିଖରେ ତାଙ୍କ ଘରେ କେହି ନଥିବା ସମୟରେ ୧୬ ଲକ୍ଷ ଟଙ୍କା ସହ ୧୩୧ ଗ୍ରାମ ସୁନା, ୭୬୦ ଗ୍ରାମ ରୂପା ଅଳଙ୍କାର କୌଣସି ଦୁର୍ବୃତ୍ତ ଚୋରି କରି ନେଇଥିଲା । ଏ ସମ୍ପର୍କରେ ବୁର୍ଲା ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ୫୯୨/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଆଜି ଏହି ଚୋରି ଘଟଣା ଉପରୁ ପରଦା ଉଠାଇଛି । କିରଓ୍ୱା ନିବାସୀ ପ୍ରୀତି ପଣ୍ଡାଙ୍କ ଘରୁ ଚୋରି ହୋଇଥିବା ସମସ୍ତ ଟଙ୍କା ଉଦ୍ଧାର ପରେ ପୋଲିସ ତାଙ୍କୁ ଫେରାଇଛି । ପ୍ରୀତି ପଣ୍ଡାଙ୍କ ଘର ନିକଟରେ ରହୁଥିବା ଇନ୍ଦ୍ର ବେହେରା ଏହି ଟଙ୍କା ଓ ସୁନା ଅଳଙ୍କାର ଚୋରି କରିଥିଲା । ଚୋରି ଟଙ୍କା ସେ ଖର୍ଚ୍ଚ ନକରି ଏକ ପରିତ୍ୟକ୍ତ ସ୍ଥାନରେ ଲୁଚାଇ ରଖିଥିଲେ । ପୋଲିସ ଶକ୍ତ ତଦନ୍ତ ଖିଅରେ ଇନ୍ଦ୍ରକୁ ବାରମ୍ବାର ଜେରା କରିବା ପରେ ଶେଷରେ ସବୁ ସତ ଇନ୍ଦ୍ର ଉଗାଳି ଦେବାପରେ ତା'ଠାରୁ ଚୋରି ଟଙ୍କା ଓ ସୁନାଗହଣା ଜବତ କରିବା ପରେ ଗିରଫ କରିଛି । ତେବେ ପ୍ରୀତି ଏତେ ପରିମାଣର ଟଙ୍କା କୋଉଠୁ ଆଣିଥିଲେ ଓ କାହିଁକି ଘରେ ରଖିଥିଲେ ତାହା ସ୍ପଷ୍ଟ କରିନାହାନ୍ତି । କେବଳ ବାପାଙ୍କ ଅବସର ଟଙ୍କା ଓ ଭାଇର ମୋବାଇଲ ଦୋକାନରୁ ଲାଭ ହୋଇଥିବା ଟଙ୍କା ଘରେ ଗଛିତ ଥିବା ସଫେଇ ଦେଇଥିଲେ ମଧ କୌଣସି ଅନାଲୋଚିତ ଅବୈଧ କାରବାର ଚାଲୁଥିବା ନେଇ ନିଜ ନାମକୁ ଗୁପ୍ତ ରଖି କିଛି ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି । ପ୍ରୀତି ଏବେ ଏକ ଛୋଟ ଟିଫିନ ଷ୍ଟଲ ବୁର୍ଲା ଠାରେ ଚଳାଉଛନ୍ତି । ଏପରିକି ପରିବାରରେ ସମସ୍ତଙ୍କ ବ୍ୟାଙ୍କ ଆକାଉଂଟ ଥିଲେ ମଧ ଘରେ ଏତେ ପରିମାଣର ଟଙ୍କା ରଖିବା ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ଧାନକୁଟା ଟ୍ରାକ୍ଟରରେ ଦୁର୍ଘଟଣା ଘଟି ଯୁବକଙ୍କ ବେକ କଟି ମୃତ୍ୟୁ



କେସିଙ୍ଗା, : କେସିଙ୍ଗା ବ୍ଲକ ଅନ୍ତର୍ଗତ କଣ୍ଟପଡା ପଞ୍ଚାୟତ ବିନେକେଲା ଗ୍ରାମରେ ଘଟିଛି ଏକ ଦୁଃଖଦ ଘଟଣା । ସୂଚନା ମୁତାବକ ବିନେକେଲା ଗ୍ରାମର ଦୈତାରୀ ପଧାନଙ୍କ ଜୈଷ୍ଠ ପୁତ୍ର ନିରୋଜ ପଧାନ ନିଜ ଧାନ କୁଟା ମିଲ୍ ଟ୍ରାକ୍ଟର ନେଇ ଶନିବାର ସକାଳୁ ଘାଟପଡ଼ା ଗ୍ରାମର ଲୁହୁରାପଡ଼ାକୁ ନେଇ ଧାନ କୁଟିବାକୁ ଯାଇଥିଲେ । ତେବେ ଧାନ କଳରେ କୌଣସି ଅସୁବିଧା ହେବାରୁ ମୁଣ୍ଡ ନୁଆଁଇ ଦେଖିବା ବେଳେ ହଠାତ୍ ତାଙ୍କ ବେକରେ ଗୁଡେଇ ହୋଇ ରହିଥିବା ଗାମୁଛାଟି ସେହି କଳରେ ଫସିଯିବା ଫଳରେ ଯୁବକ ଜଣକଙ୍କ ବେକ କଟିଯାଇ ଘଟଣା ସ୍ଥଳରେ ତାଙ୍କ ଦୁଃଖଦାୟକ ମୃତ୍ୟୁ ହୋଇଯାଇଛି । ସୂଚନା ପାଇ କେସିଙ୍ଗା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରି କେସିଙ୍ଗା ସରକାରୀ ଚିକିତ୍ସାଳୟକୁ ପଠାଇ ଶବ ବ୍ୟବଚ୍ଛେଦ କରାଇ ଏକ ଅପମୃତ୍ୟୁ ମାମଲା ଦାୟର କରି ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି । ନୀରୋଜ ପଧାନଙ୍କ ପରିବାରରେ ତାଙ୍କ ସ୍ତ୍ରୀ ଏବଂ ଦୁଇ ବର୍ଷର ଶିଶୁ କନ୍ୟା ଥିବାବେଳେ ତାଙ୍କର ଦେହାନ୍ତ ପରେ ଏବେ ପରିବାର କିପରି ଚଳିବେ ବୋଲି ଅଞ୍ଚଳର ଲୋକେ ଚର୍ଚ୍ଚା କରୁଥିବା ବେଳେ ବିନେକେଲା ଗ୍ରାମରେ ଶୋକର ଛାୟା ଖେଳଯାଇଛି।

# କୁଚିଣ୍ଡା କଂଗ୍ରେସ ଭବନ ଠାରେ ଶୋକସଭା ଅନୁଷ୍ଠିତ

ସମ୍ବଲପୁର, : ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସ୍ଥିତ କଂଗ୍ରେସ ଭବନ ସଭାଗୃହ ଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଡ଼ଃ ମନମୋହନ ସିଂହଙ୍କ ଅକାଳ ବିୟୋଗରେ



ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି, ସେ ୯୨ ବର୍ଷ ବୟସରେ ଗୁରୁବାର ଦିନ ଇହଧାମ ତ୍ୟାଗ କଲେ। ଡ଼ଃ ସିଂହ ପୂର୍ବରୁ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ରୂପେ ମଧ କାର୍ଯ୍ୟ ନିର୍ବାହ କରିଥିଲେ। ସେ ଦୁଇଥର ଭାରତରେ କଂଗ୍ରେସ ଦଳରୁ ପ୍ରଧାନମନ୍ତ୍ରୀ ହୋଇଥିଲେ। ତାଙ୍କ ବିୟୋଗରେ କୁଚିଣ୍ଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ୮ ଲକ୍ଷ ଟଙ୍କାର ପୁରସ୍କାର ତିନି ହାର୍ଡକୋର ମହିଳା ମାଓବାଦୀଙ୍କୁ ଗିରଫ କରିଛି ଓଡ଼ିଶା ପୋଲିସ

ମାଲକାନଗିରି, : ମାଲକାନଗିରି ଜିଲ୍ଲା ପୋଲିସ କୁ ମିଳିଛି ବଡ ସଫଳତା। ତିନି ହାର୍ଡକୋର ମହିଳା ମାଓବାଦୀଙ୍କୁ ଗିରଫ କରିବାରେ ସଫଳ ହେଇଛି ମାଲକାନଗିରି ପୋଲିସ। ସୂଚନାରୁ ଜଣାପଡିଛି ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଗୁଣ୍ଡାବେଡା ଜଙ୍ଗଲରେ ଜିଲ୍ଲା ପୋଲିସ ଓ ଡି ଭି ଏଫ ଯବାନଙ୍କ ମିଳିତଭାବେ ସର୍ଚ୍ଚ ଅପରେସନ କରୁଥିବା ସମୟରେ ତିନିଜଣ ମହିଳା ମାଓବାଦୀଙ୍କୁ ଗିରଫ କରିଥିଲେ ଓ ସେମାନଙ୍କ ନାମରେ ଆଠ ଲକ୍ଷ ଟଙ୍କାର ଇନାମ ଘୋଷଣା ଥିବା ଜଣାପଡିଛି। ଆଜି ଜିଲ୍ଲା ଆରକ୍ଷୀ



କାର୍ଯ୍ୟାଳୟ ଠାରେ ପୋଲିସ ଦ୍ୱାରା ୩ ଜଣ ହାର୍ଡ କୋର ମହିଳା ମାଓବାଦୀ ଗିରଫ ସୂଚନା ଦେଇଛନ୍ତି ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ନୀତି ଶେଖର। ସେମାନେ ଥିଲେ ଆନ୍ଧ୍ର ଓଡିଶା ବୋର୍ଡର ସାଉଥ ଜୋର୍ଣ୍ଣାଲ କମିଟି ମିଲେଟ୍ରି ପ୍ଲାଟୁନର ହାର୍ଡ କୋର ମାଓବାଦୀ। ଗିରଫ ମହିଳା ମାଓବାଦୀ ହେଲେ ମହିଳା ମାଓନେତ୍ରୀ ସ୍ୱପ୍ନା ଏ ସି ଏମ କ୍ୟାଡ଼ର ର । ତାଙ୍କ ନାମରେ ୪ ଲକ୍ଷ ଟଙ୍କା ପୁରସ୍କାର ଥିଲା। ମହିଳା ମାଓବାଦୀ କମଳା ଓରଫ ବବିତା ସେ ପାର୍ଟି ମେମ୍ବର ଭାବେ କାମ କରିଥିଲେ , ତାଙ୍କ ନାମରେ ୨ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା ଥିଲା ଓ ମହିଳା ମାଓବାଦୀ ପ୍ରଭାବିତ ସୁସ୍ମିତା ଓରଫ ସୁନିତା ଟପ ସେ ମାଓନେତା ଉଦୟଙ୍କ ଅଙ୍ଗରକ୍ଷି ଭାବେ କାମ କରୁଥିଲେ। ତାଙ୍କ ନାମରେ ୨ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା ଥିବା ସୂଚନା ଦେଇଛନ୍ତି। ତିନି ମହିଳା ମାଓବାଦୀ ଙ୍କ ନାମରେ ମୋଟ ୮ ଲକ୍ଷ ଟଙ୍କା ପୁରସ୍କାର ଥିଲା।

# ଡା. ମନମୋହନ ସିଂଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ

ଚିତ୍ରକୋଣ୍ଡା, : ଆଜି ଚିତ୍ରକୋଣ୍ଡା ଦୈନିକ ବଜାର ଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଓ ଅର୍ଥନୀତିଜ୍ଞ ଡା. ମନମୋହନ ସିଂଙ୍କ ବିୟୋଗରେ ଏକ ଶୋକସଭା ଚିତ୍ରକୋଣ୍ଡା ବ୍ଲକ କଂଗ୍ରେସ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ବିଦେଶୀ ଗୌଡ଼ଙ୍କ ଆହ୍ୱାନ କ୍ରମେ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିଶେଷଙ୍କୁ ନେଇ ଏହି ଶୋକ ସଭା ପାଳିତ ହୋଇଯାଇଛି । ପ୍ରଥମେ ଦ୍ୱୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ମନମୋହନ ସିଂଙ୍କ ସ୍ମୃତିଚାରଣ କରାଯାଇଥିଲା। କିଛି ସମୟର ନିରବ ପ୍ରାର୍ଥନା ପରେ ଅତୀତର କାର୍ଯ୍ୟକଳାପକୁ ନେଇ ଉଦବୋଧନ ରଖାଯାଇଥିଲା । ବରିଷ୍ଠ ନାଗରିକ ମଧ୍ୟରେ ଦେବେନ୍ଦ୍ର ଦାସ, ଚିରଞ୍ଜିବି ନାୟକ, ଶ୍ରୀ ରାମୁଲୁ, ବିଜୟ ସାହୁ ଏବଂ ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ରଘୁବୀର ଖରା, ଚିତ୍ରସେନ ଘଡେଇ, ସାଇନି, ମଦନ ଖରା, ସଦନ ଖରା, ଦୁର୍ଲଭ ଖରା, ମୁକୁନ୍ଦ ଖିଲ, ଧନିଆ ଖିଲ, ଦିଲ୍ଲୀପ ଖରା, ସତ୍ୟବାଦୀ ବେହେରା ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ ।

# ମାଁ ଜାଡେନ କ୍ରିକେଟ ଟୁର୍ଣ୍ଣାମେଣ୍ଟ - ପାତଲପଡା ଚାମ୍ପିଆନ

ବଲାଙ୍ଗିର, : ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଚୁଲିଫୁଙ୍କା ପଞ୍ଚାୟତ କନାବିରା ଗାଁରେ ଚାଲିଥିବା ମାଁ ଜାଡେନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏଥିରେ ୧୬ ଗୋଟି ଦଳ ଭାଗ ନେଇଥିବା ବେଳେ ସେମାନଙ୍କ ମଧ୍ୟରୁ ଖଗସା ଓ ପାତଲପଡା ଦଳ ଫାଇନାଲ ମ୍ୟାଚକୁ ଉତୀର୍ଣ୍ଣ ହୋଇଥିଲେ। ଖଗସା ଦଳକୁ ପରାସ୍ତ କରି ପାତଲପଡା ଦଳ ଚାମ୍ପିଆନ ହୋଇଛି। ଏହି ଖେଳକୁ ଭରତ କାଣ୍ଡ ଓ କରନ ଭାଟି ଖେଳ ପରିଚାଳନା ବେଳେ ଦିନବନ୍ଧୁ ଟାକରି ଧାରା ବିବରଣୀ ପ୍ରଦାନ କରିଥିଲେ ।ଆୟୋଜିତ ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସମ୍ମାନୀୟ ଅତିଥି ଭାବେ ପୂର୍ବତନ ବଙ୍ଗୋମୁଣ୍ଡା ବ୍ଲକ ଅଧକ୍ଷ ଗୁରୁଚରଣ ବେହେରା, ସମାଜସେବୀ ପ୍ରତାପ ଭାଟି, ନାଏବ ସରପଞ୍ଚ କୁନୁ ଭରାସଗରିଆ, ଅଶୋକ ଛୁରା,ଅବସରପ୍ରାପ୍ତ ଯବାନ ଉମାଶଙ୍କର ଘିଭେଲା,ଧନସିଂ ନାଗ,ହେମନ୍ତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପ ବିଜେତା ଦଳ କୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ମଇ ୬

# ବିକାଶ ପଥେ ଭାରତ

ସୌମେନ୍ଦ୍ର ଜେନା

ବିଗତ ଦିନମାନଙ୍କରେ ଭାରତର ବିକାଶ ହାର ଭଲ ରହିଆସିଛି, କେବଳ କୋରୋନା ସମୟ ଛଡା । ଗତ ଦଶନ୍ଧିର ହିସାବକୁ ଦୃଷ୍ଟିପାତ କଲେ ଏହା ସ୍ପଷ୍ଟ ଜାଣିହେବ । ଯେମିତି ଏହି ବିକାଶ ହାର ପ୍ରତିଶତରେ ୨୦୧୪-୧୫ରେ ୮.୦, ୨୦୧୫-୧୬ରେ ୮.୨, ୨୦୧୬-୧୭ରେ ୭.୨, ୨୦୧୭-୧୮ରେ ୭.୧, ୨୦୧୮-୧୯ରେ ୪.୫, ୨୦୧୯-୨୦ରେ ୩.୭, ୨୦୨୦-୨୧ରେ ୬.୬, ୨୦୨୧-୨୨ରେ ୮.୭, ୨୦୨୨-୨୩ରେ ୭.୦ ରହିଥିବା ସମୟରେ ୨୦୨୨-୨୩ରେ ୬.୮ ରହିପାରେ ବୋଲି ପୂର୍ବାନୁମାନ କରାଯାଉଛି । କିନ୍ତୁ ଦୁଇଅଙ୍କ ବିଶିଷ୍ଟ ବିକାଶହାରକୁ ଛୁଇଁପାରିଲେ ବିକାଶ ପ୍ରକୃତରେ ଦ୍ରୁତତର ହୋଇପାରିବ । ଏଚ୍‌ଏସ୍‌ବିସି ହଂକଂ ସାଂଘାଇ ବ୍ୟାଙ୍କିଂ କର୍ପୋରେସନର କହିବାନୁସାରେ ବିଗତ ୨୦ବର୍ଷ ହେଲା ଚୀନ ବିଦେଶୀ ପୁଞ୍ଜିନିବେଶକାରୀଙ୍କ ପାଇଁ ନିବେଶର କେନ୍ଦ୍ର ହୋଇ ରହିଆସିଥିଲା , ଯାହା ଆଗାମୀ ୨୦ବର୍ଷ ପାଇଁ ଭାରତ ସେହି ସ୍ଥାନରେ ରହିବ । ମୋର୍ଗାନ ଷ୍ଟାନ୍‌ଲେ ପୁଞ୍ଜିନିବେଶ କ୍ଷେତ୍ରରେ ଭାରତକୁ ଗୁରୁତ୍ୱ ଦେଇ 'ଏ ଗ୍ରେଡ'ରେ ରଖିଛି । ଭାରତର ଇଣ୍ଡେକ୍ସ (୧୪.୬) ତୁଳନାରେ ନିବେଶ ସ୍ଥିତିକୁ (୨୨.୯୫) ଉଚ୍ଚରେ ରଖାଯାଇଛି । ଏ କ୍ଷେତ୍ରରେ ୬ ନମ୍ବରରୁ ଭାରତ ୧ ନମ୍ବରକୁ ଆସିଛି । କାରଣ ଗତ ଏକବର୍ଷରେ ଭାରତରେ ନିବେଶକାରୀ ୨୫ ପ୍ରତିଶତ ଲାଭ ପାଇଛନ୍ତି । ଭାରତରେ ଉଭୟ ଉତ୍ପାଦନ ଏବଂ ସେବା କ୍ଷେତ୍ରରେ ବଡ ବଜାର ସୃଷ୍ଟି ହୋଇଛି । ଭାରତ ପଛକୁ ଚୀନ-ତାଇୱାନ ଥିଲାବେଳେ ଅଷ୍ଟ୍ରେଲିଆ ପୂର୍ବ ଗୁରୁତ୍ୱ ହରାଇଛି । ବିଦେଶୀ ପୁଞ୍ଜିନିବେଶ ପରେ ରୋଜଗାର, ଉତ୍ପାଦନ, ରପ୍ତାନୀରେ ବ୍ୟାପକ ବୃଦ୍ଧି ପରିଲକ୍ଷିତ ହେବ । କାରଣ ବିଦେଶୀ ନିବେଶକୁ ଲକ୍ଷ୍ୟକଲେ ଜଣାପଡିବ ଯେ ଭାରତ ବର୍ଷକୁ ଯେତେ ବିଦେଶୀ ନିବେଶ ପାଏ ଚୀନ ତାର ଦୁଇଗୁଣ ହିଁ ପାଇଥାଏ । ୨୦୨୨ରେ ବିଶ୍ୱରେ ନିବେଶର ପରିମାଣ ୧୨୮୬ ବିଲିଅନ ଡଲାର ରହିଥିଲା, ଯାହା ପୂର୍ବବର୍ଷ ତୁଳନାରେ ୨୪ ପ୍ରତିଶତ କମ୍ । କିନ୍ତୁ ଚୀନ ଏହି ସମୟରେ ୮ ପ୍ରତିଶତ ଅଧିକ ପୁଞ୍ଜି ପାଇଥିବା କଥା କହୁଥିଲାବେଳେ ବିଦେଶୀ ସଂସ୍ଥାମାନେ ଚୀନର ତଥ୍ୟକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି । କିନ୍ତୁ ଭାରତରେ ୨୦୧୪ପରଠାରୁ ବିଦେଶୀ ପୁଞ୍ଜି ନିବେଶ କ୍ରମଶଃ ବୃଦ୍ଧି ପାଉଥିବା ଲକ୍ଷ୍ୟ କରିହେବ । ବିଲିଅନ ଡଲାରରେ ଏହି ବିଦେଶୀ ପୁଞ୍ଜିନିବେଶକୁ ହିସାବକୁ ନେଲେ ଜଣାପଡିବ ଯେ ୨୦୧୪-୧୫ରେ ୪୫.୧, ୨୦୧୫-୧୬ରେ ୫୫.୫, ୨୦୧୬-୧୭ରେ ୬୦.୨, ୨୦୧୭-୧୮ରେ ୬୦.୯, ୨୦୧୮-୧୯ରେ ୬୨.୦, ୨୦୧୯-୨୦ରେ ୭୪.୩, ୨୦୨୦-୨୧ରେ ୮୧.୯, ୨୦୨୧-୨୨ରେ ୮୩.୫ ବିଲିଅନ ଡଲାରର ବିଦେଶୀ ପୁଞ୍ଜିନିବେଶ ଭାରତ ଲାଭ କରିଛି । ୨୦୨୨ରେ ଗ୍ରୀନ ଫିଲ୍ଡ ପ୍ରକଳ୍ପ କ୍ଷେତ୍ରରେ ଭାରତ ତୃତୀୟ ସର୍ବାଧିକ ପୁଞ୍ଜିନିବେଶ ଲାଭ କରିଛି । ୨୦୨୧ରେ ଏହି ପ୍ରକଳ୍ପ କ୍ଷେତ୍ରରେ ଭାରତ ୪୪.୭ ବିଲିଅନ ଡଲାର ଏବଂ ୨୦୨୨ରେ ୪୯.୩ ବିଲିଅନ ଡଲାର ବିଦେଶୀ ପୁଞ୍ଜି ନିବେଶ ପାଇଛି । ଜାତିସଂଘର ବାଣିଜ୍ୟ ବିକାଶ ସମ୍ମେଳନ (ୟୁଏନ୍‌ସିଟିଏଡି) ଅନୁଯାୟୀ ଏ କ୍ଷେତ୍ରରେ ଆମେରିକା ପ୍ରଥମ ଏବଂ ବ୍ରିଟେନ ଦ୍ୱିତୀୟ ସ୍ଥାନରେ ରହିଛି । ଏସିଆକୁ ଆସିଥିବା ମୋଟ ନିବେଶ ମଧ୍ୟରୁ ୮୦ ପ୍ରତିଶତ (ଗ୍ରୀନଫିଲ୍ଡ ପ୍ରକଳ୍ପ) ଭାରତ ପାଇବାକୁ ସକ୍ଷମ ହୋଇଛି । ଅବଶିଷ୍ଟ ୨୦ ପ୍ରତିଶତ ଅର୍ଥ ଚୀନ, ସିଙ୍ଗାପୁର, ହଂକଂ ଏବଂ ୟୁନାଇଟେଡ୍ ଆରବ ଏମିରେଟ ପାଇଛନ୍ତି । ଗ୍ରୀନ ଫିଲ୍ଡ ପ୍ରକଳ୍ପ କହିଲେ ନୂତନ ପ୍ରକଳ୍ପକୁ ବୁଝାଇଥାଏ, ଯାହା ସେ ଦେଶରେ ପୂର୍ବରୁ ନଥାଏ । ଉଦାହରଣ ସ୍ୱରୂପ ଫକ୍ସକନ କମ୍ପାନୀ ଭାରତରେ ଚିପ୍ ନିର୍ମାଣ ପାଇଁ ପ୍ରଥମେ ନିବେଶ କରିବ । ଏହା ପୂର୍ବରୁ ଭାରତରେ ବ୍ୟବହୃତ ଚିପ୍ ସବୁ ବିଦେଶରୁ ଆମଦାନୀ ହେଉଥିଲା । ଭାରତରେ ଆପଲ ଆଇଫୋନ ନିର୍ମାଣ ପାଇଁ ଫକ୍ସକନ ୩୩ ମିଲିଅନ ଡଲାରର ଇଲେକଟ୍ରୋନିକ ଉପକରଣ କିଣି ଭାରତରେ ଉପଯୋଗ କରିବ । କାରଣ ଏହି କମ୍ପାନୀ ଆପଲ ପାଇଁ ଆଇଫୋନ୍ ନିର୍ମାଣ କରିଥାଏ । ଭାରତରେ ଆଇଫୋନ୍ ନିର୍ମାଣ ତିନିଗୁଣ ବୃଦ୍ଧି ପାଇଥିବା ଜଣାଯାଏ । ଫକ୍ସକନ କର୍ଣ୍ଣାଟକରେ ୩୦୦ଏକର ଜମି ଅଧିଗ୍ରହଣ କରିବାକୁ ଯାଉଛି । ବେଙ୍ଗାଲୁରୁ ଆନ୍ତର୍ଜାତିକ ବିମାନବନ୍ଦର ନିକଟରେ କମ୍ପାନୀ ଆଇଫୋନ ନିର୍ମାଣ ଯୋଜନା କରୁଥିଲାବେଳେ ତୁମକୁରଠାରେ ଗେମିଂ ସଫ୍ଟୱେର ନିର୍ମାଣ ପାଇଁ ଅନ୍ୟ ଏକ କମ୍ପାନୀ ବସାଇବ । ଅନ୍ୟ ଏକ ଗ୍ରୀନ ଫିଲ୍ଡ କମ୍ପାନୀ ଆଦାନୀ ଗ୍ରୁପ ସହ ଫ୍ରାନ୍ସର ଟୋଟାଲ ଏନର୍ଜୀ କମ୍ପାନୀ ୫ ବିଲିଅନ ଡଲାର ଖର୍ଚ୍ଚରେ ଗ୍ରୀନ୍ ହାଇଡ୍ରୋଜେନରୁ ୟୁରିଆ ପ୍ରସ୍ତୁତ କରିବ । ସେମିତି ଗୁଜରାଟରେ ଆଦାନୀ ଗ୍ରୁପ ଦକ୍ଷିଣ କୋରିଆର ବଡ ଇସ୍‌ପାତ ନିର୍ମାଣକାରୀ ପୋସ୍କୋ ସହ ମିଶି ସ୍ୱତନ୍ତ୍ର ଧରଣର ଇସପାତ ନିର୍ମାଣଲାଗି ୫ ବିଲିଅନ ଡଲାର ଖର୍ଚ୍ଚ କରିବ। ଦେଶରେ ଅର୍ଥନୀତିର ବିକାଶର ଅନ୍ୟ ଏକ ଲକ୍ଷଣ ହେଲା ଯେ ଭାରତୀୟ କମ୍ପାନୀମାନେ ବହୁରାଷ୍ଟ୍ରୀୟ କମ୍ପାନୀରେ ପରିଣତ ହେବା । ନିକଟରେ ଭାରତର କମ୍ପାନୀମାନେ ୪୨ ବିଲିଅନ ଡଲାର ଖର୍ଚ୍ଚରେ ବିଦେଶରେ ଗ୍ରୀନ ଫିଲ୍ଡ ପ୍ରକଳ୍ପ ନିର୍ମାଣ କରିବାକୁ ଘୋଷଣା କରିଛନ୍ତି , ଯାହା ପୂର୍ବର ନିବେଶଠାରୁ ତିନିଗୁଣ ଅଧିକ । ଯେମିତି ଭାରତର ଆକ୍‌ମେ ଗ୍ରୁପ ୧୩ ବିଲିଅନ ଡଲାର ଇଜିପ୍ଟର ଗ୍ରୀନ ଫିଲ୍ଡ ପ୍ରକଳ୍ପରେ ନିବେଶ କରିବ । ବାର୍ଷିକ ୨.୨ ବିଲିଅନ ଟନ୍ ଗ୍ରୀନ ହାଇଡ୍ରୋଜେନ ନିର୍ମାଣ ପାଇଁ ଇଜିପ୍ଟରେ ଆକ୍‌ମେ କାର୍ଯ୍ୟକରିବ । ସେମିତି ରି ନିଉ ପାୱାର କମ୍ପାନୀ ଇଜିପ୍ଟର ସୁଏଜ କେନାଲ ଇକୋନୋମିକ୍ ଜୋନ୍‌ରେ ଗ୍ରୀନ ହାଇଡ୍ରୋଜେନ ଉତ୍ପାଦନ ପାଇଁ କମ୍ପାନୀ ବସାଇବ । ଏହାଛଡା ଟାଟାଗ୍ରୁପ ୪୨ହଜାର ୫୦୦ କୋଟି ଟଙ୍କା (୪ ବିଲିଅନ ପାଉଣ୍ଡ) ବ୍ରିଟେନରେ ଇଲେକ୍‌ଟ୍ରିକ୍‌ଯାନର ବ୍ୟାଟେରୀ ନିର୍ମାଣ ପାଇଁ ଖର୍ଚ୍ଚ କରିବ ବୋଲି ଘୋଷଣା କରିଛି । ସମରସେଟ୍‌ଠାରେ ଏହି ବଡ କମ୍ପାନୀ ପ୍ରତିଷ୍ଠା କରାଯିବ । ଏହା ହେଲେ ଟାଟାର ଏହି ପ୍ରକଳ୍ପ ୟୁରୋପର ଏକ ବଡ ବ୍ୟାଟେରୀ ସେଲ୍ କମ୍ପାନୀ ହେବ । ୧୯୮୦ରେ ୟୁରୋପର ନିଶାନ୍‌ର ଯାନବାହନ ନିର୍ମାଣ ପାଇଁ ନିବେଶ ପରେ ଟାଟାର ଏହି ନିବେଶ ଦ୍ୱିତୀୟ ବଡ ନିବେଶ ହେବ ବୋଲି କୁହାଯାଉଛି ।

କୋରୋନା ପରବର୍ତ୍ତୀ ସମୟରେ ଭାରତରେ ବିଦେଶୀ ପୁଞ୍ଜିନିବେଶ (ମାର୍ଚ୍ଚ ୨୦୨୦-୨୨) ୨୩ ପ୍ରତିଶତ ବୃଦ୍ଧି ପାଇଥିବା ଦେଖାଯିବ । ୨୦୧୮-୨୦ରେ ଏହି ପରିମାଣ ୧୪୧.୧୦ ବିଲିଅନ ଡଲାର ଥିଲାବେଳେ ୨୦୨୦-୨୧ରେ ତାହା ୧୭୧.୮୪ ବିଲିଅନ ଡଲାରକୁ ଛୁଇଁଛି । ସିଆଇଆଇ-ଇକ୍ୱାଇର ରିପୋର୍ଟ ଅନୁଯାୟୀ ଆଗାମୀ ୫ ବର୍ଷରେ ଭାରତ ୪୭୫ ବିଲିଅନ ଡଲାର ବିଦେଶୀ ପୁଞ୍ଜିନିବେଶ ଲାଭ କରିପାରେ । ସେମିତି ଏସ୍‌ଏଣ୍ଡ୍‌ପି ଗ୍ଲୋବାଲ ରେଟିଂର ମତ ଅନୁସାରେ ଆଗାମୀ ୩ବର୍ଷ ପାଇଁ ଭାରତ ପୃଥିବୀର ସର୍ବାଧିକ ବିକାଶଶୀଳ ଅର୍ଥନୀତି ରହିବ । ଆଗାମୀ ୭ବର୍ଷରେ ଭାରତର ମୁଣ୍ଡପିଛା ଆୟ ୨୩୦୦ଡଲାରରୁ ବୃଦ୍ଧିପାଇ ୫୦୦୦ହେବ ବୋଲି କୁହାଯାଉଛି । ଭାରତରେ ନିର୍ମାଣ କ୍ଷେତ୍ର ବୃଦ୍ଧିଦର ଆଶାଜନକ ରହିବ ବୋଲି ଆଶା କରାଯାଉଛି । କାରଣ ୨୦୧୯-୨୦ରେ ଯାହା ୧୨.୦୯ ବିଲିଅନ ଡଲାର ଥିଲା ତାହା ୨୦୨୧-୨୨ବେଳକୁ ୨୨.୩୦ ବିଲିଅନ ଡଲାରରେ ପହଞ୍ଚିଛି । ଏହି ବୃଦ୍ଧିହାର ୭୬ ପ୍ରତିଶତ ।

ଭାରତରେ ମୋଟ ଜନସଂଖ୍ୟାର ଅଧିକ ଯୁବଶକ୍ତି , ଦେଶର ଡିଜିଟାଲଯୁକ୍ତ ଜନଶକ୍ତି, ଆର୍ଥିକ ଦୃଷ୍ଟିରୁ ଉତ୍ପାଦନକ୍ଷମ ଶ୍ରମଶକ୍ତି ରହିଥିବା ହେତୁ ଦେଶରେ ମଧ୍ୟବିତ୍ତ ବର୍ଗଙ୍କ ରୋଜଗାର ଏବଂ ଆଶାର ବୃଦ୍ଧିଯୋଗୁ ଟେକ୍‌ନୋଲୋଜୀର ବିକାଶ ବ୍ୟାପକ ହେଉଛି । ୨୦୩୦ ବେଳକୁ ଏହି କାରଣରୁ ଅନ୍‌ଲାଇନ ଗ୍ରାହକଙ୍କ ସଂଖ୍ୟା ୫୦କୋଟିରେ ପହଞ୍ଚିବ ବୋଲି କୁହାଯାଉଛି । ସେମିତି ଇ-କମର୍ସ ବଜାର ୩୫୦ ବିଲିଅନରେ ପହଞ୍ଚିବ ବୋଲି କୁହାଯାଉଛି । ଅର୍ଥନୀତିର ବିକାଶ ଯୋଗୁ ୨୦୩୦ ବେଳକୁ ଭାରତରେ ୮୦ପ୍ରତିଶତ ଜନସାଧାରଣ ମଧ୍ୟବିତ୍ତ ବର୍ଗରେ ରହିବେ ଯାହା ୨୦୧୯ରେ ୫୦ପ୍ରତିଶତ ରହିଥିଲା । ଦେଶର ୧୪କୋଟି ପରିବାର ଏହି ସମୟକାଳ ମଧ୍ୟରେ ମଧ୍ୟବିତ୍ତ ହେବେ । ୨କୋଟି ଲୋକ ଉଚ୍ଚ ଆୟବର୍ଗରେ ସାମିଲ ହେବେ । ଲୋକଙ୍କ ଆୟବୃଦ୍ଧି ଯୋଗୁ ବ୍ୟୟ ବୃଦ୍ଧି ହେବ । ବଜାରର ବୃଦ୍ଧି ଯୋଗୁ ଅର୍ଥନୀତିର ବୃଦ୍ଧି ହେବ । ଜି ୨୦ର ରାଷ୍ଟ୍ରଗୁଡିକରେ ଅଂଶଧନରେ ମିଳୁଥିବା ଲାଭ ଦୃଷ୍ଟିରୁ ଭାରତ ଏକପ୍ରକାର ସ୍ଥିର ସ୍ଥିତିରେ ରହିଛି । କ୍ଷୁଦ୍ରରୁ ମଧ୍ୟମ ସମୟାବଧି ଅଂଶଧନରେ ୧ ବର୍ଷରୁ ୫ ବର୍ଷ ପର୍ଯ୍ୟନ୍ତ ଭାରତରେ ୧୧.୫ ପ୍ରତିଶତ ଲାଭ ମିଳୁଥିଲା ବେଳେ ୫ମବର୍ଷ ବେଳକୁ ଚୀନରେ ୬.୭ ପ୍ରତିଶତ , ରୁଷିଆରେ ୯.୩ ପ୍ରତିଶତ ଏବଂ ଇଣ୍ଡୋନେସିଆରେ ୧୦.୫ ପ୍ରତିଶତ ମିଳୁଛି । ଆଗାମୀ ଦିନରେ ଚୀନ ତୁଳନାରେ ଭାରତକୁ ବିଦେଶୀ ନିବେଶ ବୃଦ୍ଧିପାଇବାର କାରଣ ପଛରେ ହଂକଂର ଦୁର୍ବଳ ସ୍ଥିତିକୁ କୁହାଯାଉଛି । କାରଣ ଚୀନର ମୋଟ ବିଦେଶୀ ପୁଞ୍ଜିନିବେଶରୁ ୮୦ ପ୍ରତିଶତ କେବଳ ହଂକଂରୁ ଆସୁଛି । ହଂକଂରେ ଥିବା ଅନେକ ସେଲ କମ୍ପାନୀ ବିଦେଶରୁ ଜାଲିଆତି ଅର୍ଥ ହଂକଂକୁ ଆଣିବା ପରେ ନିବେଶ ପାଇଁ ଚୀନକୁ ପଠାଉଛନ୍ତି । ଟିକସ ନାମକୁମାତ୍ର ଆଦାୟ ହେଉଥିବା ହଂକଂ ହେଉଛି ଜାଲ କମ୍ପାନୀମାନଙ୍କର ସ୍ୱର୍ଗ । ଏଠାରେ ଦୁର୍ବଳ ଆଇନ ଯୋଗୁ ବିଦେଶୀଙ୍କ ପାଇଁ କମ୍ପାନୀ ଖୋଲିବା ସହଜ । କମ୍ପାନୀର ମାଲିକ ସ୍ଥାନୀୟ ବାସିନ୍ଦା ହେବା ମଧ୍ୟ ଆବଶ୍ୟକ ନଥିବା ହେତୁ ଭିନ୍ନ ଭିନ୍ନ ଦେଶର ଅର୍ଥ ଚୋରମାନେ ହଂକଂରେ କମ୍ପାନୀ ଖୋଲି ବ୍ୟବସାୟ କରନ୍ତି । ସ୍ଥାନୀୟ ସରକାର ମଧ୍ୟ ଚୀନର ନିର୍ଦ୍ଦେଶରେ ଏଥିପାଇଁ ପ୍ରୋତ୍ସାହନ ଦେଉଛି । ବ୍ରିଟେନ ହାତରୁ ଚୀନ ହାତକୁ ହଂକଂ ଯିବା ପରେ ୧୯୯୮ରୁ ୨୦୦୬ ପର୍ଯ୍ୟନ୍ତ ଚୀନରେ ହଂକଂର ପୁଞ୍ଜିନିବେଶ ମୋଟ ନିବେଶର ୫୦ ପ୍ରତିଶତ ଥିଲା , ଯାହା ୨୦୨୧ବେଳକୁ ୭୫ ପ୍ରତିଶତରୁ ଅଧିକ ହେଲା । ୨୦୨୧ରେ ଚୀନର ମୋଟ ବିଦେଶୀ ପୁଞ୍ଜି ନିବେଶ ୧୮୦ ବିଲିଅନ ଡଲାରରୁ ୧୩୨ ବିଲିଅନ କେବଳ ହଂକଂର ରହିଥିଲା । ସେମିତି ହଂକଂର ଅଂଶ ୨୦୨୦ରେ ମୋଟ ୧୪୫ରୁ ୧୦୫ ବିଲିଅନ ଡଲାର, ୨୦୧୯ରେ ମୋଟ ୧୩୮ ରୁ ୯୮ ବିଲିଅନ ଡଲାର ଥିଲା । ଏକଥା ସତ ଯେ ଭାରତ ତୁଳନାରେ ଆମେରିକାର ପୁଞ୍ଜିନିବେଶ ଆଜି ମଧ୍ୟ ଚୀନରେ ଅଧିକ । ୨୦୨୧ରେ ଚୀନରେ ୨.୪ ବିଲିଅନ ଏବଂ ଭାରତରେ ୦.୬ ବିଲିଅନ ଡଲାର ଆମେରିକା ନିବେଶ କରିଥିଲା ।

ଭାରତୀୟ ସମ୍ବାଦ ସେବା
ଭୁବନେଶ୍ୱର-୭୫୧୦୦୩

# ଭୂସ୍ୱର୍ଗରେ ରକ୍ତଭୋଜି

କିଏ ବୁଲି ବୁଲି ଉପଭୋଗ କରୁଥିଲେ ପେହଲଗାମର ମନ ଭୁଲାଣିଆ ସୌନ୍ଦର୍ଯ୍ୟ ତ ଆଉ କେଉଁ ପର୍ଯ୍ୟଟକ ନିଜର ପରିବାର ସହିତ ଖୁସିରେ ଖାଉଥିଲେ ଭେଲପୁରୀ । କିଏ ଘୋଡ଼ା ଚଢ଼ିବାର ମଜା ନେଉଥିଲେ ତ କିଏ ନିଜ ଆଲବମ୍ ରେ କାଶ୍ମିରୀ ଭ୍ରମଣର ଅଭୁଲା ସ୍ମୃତିକୁ ସାଇତି ରଖିବା ପାଇଁ ଫଟୋ ଉଠଉଥିଲେ । ମନରେ ଅଫୁରନ୍ତ ଆନନ୍ଦ ଓ ଖୁସି କାରଣ ବୁଲୁଛନ୍ତି ଭାରତର ଭୂସ୍ୱର୍ଗ କାଶ୍ମୀରରେ । କିଏବା ଜାଣିଥିଲା କେଇ ମୁହୂର୍ତ୍ତରେ ଖୁସିର ଦୁନିଆ ପାଲଟିବ ଶ୍ମଶାନ । ହଁ ,ହଠାତ୍ ସବୁ ଖୁସି ଉଭେଇଗଲା । କାହାର ସିନ୍ଦୂର ଲିଭି ଗଲା ତ କିଏ ବାପାମାଆ ଛେଉଣ୍ଡ ହେଇଗଲା । ମଣିଷର ତାଜା ଉଷୁମ ରକ୍ତରେ ଭିଜିଲା ପେହଲଗାମର ମାଟି । ଧର୍ମ ଆଧାରରେ ଫୁଟିଲା ଆତଙ୍କବାଦୀଙ୍କ ବନ୍ଧୁକରୁ ଗୁଳି । ଏହି ଆକ୍ରମଣରୁ ବିଦେଶୀ ପର୍ଯ୍ୟଟକ ବି ବାଦ୍ ପଡ଼ିଲେନି । ମାତ୍ର ସପ୍ତାହେ ତଳେ ଭାରତୀୟ ନେଭିର ଜଣେ ପଦସ୍ଥ ଅଧିକାରୀ ବିନୟ ନରୱାଲଙ୍କ ସହିତ ବିବାହର ବନ୍ଧନରେ ବାନ୍ଧି ହେଇଥିବା ନବବିବାହିତା ମହିଳା ହିମାଂଶି ନରୱାଲଙ୍କ ସ୍ୱାମୀଙ୍କ ମୁଣ୍ଡକୁ ଗୁଳି ମାରିବା ପରେ ପତ୍ନୀକୁ କହିଲେ ଯା ମୋଦୀକୁ କହିଦେବୁ ଏ ଘଟଣା ବିଷୟରେ । ଏ ଛାତିଥରା ଘଟଣା ଟିଭିରେ ଦେଖିବା ପରେ ମନରେ ସ୍ୱତଃ ପ୍ରଶ୍ନ ଉଠୁଛି ସତରେ କ'ଣ ଆତଙ୍କବାଦୀଙ୍କର ଧର୍ମ ନାହିଁ ? ଅଗଷ୍ଟ ୫ ତାରିଖ ୨୦୧୯ ରେ ଭାରତର ଭୂସ୍ୱର୍ଗ କୁହାଯାଉଥିବା କାଶ୍ମୀରରୁ ଧାରା ୩୭୦ ହଟିବା ପରେ ୨୦୨୫ ଅପ୍ରିଲ୍ ୨୨ ତାରିଖରେ ଘଟିଲା ମୃତ୍ୟୁର ଭୟଙ୍କର ତାଣ୍ଡବଲୀଳା କାଶ୍ମୀରର ପେହଲଗାମରେ । ଅନେକ ଶବର ଲମ୍ବା ଲାଇନ୍ ବିଛେଇ ହେଇଗଲା ଆତଙ୍କବାଦୀଙ୍କ ବିଭତ୍ସ ନରସଂହାରରେ । ବିଶ୍ୱ ଦେଖିଲା ସୈତାନ୍ ମାନସିକତାର ଉଲଗ୍ନ ନୃତ୍ୟ । ଅଶାନ୍ତ ହେଇଗଲା ମିନି ସୁଇଜରଲ୍ୟାଣ୍ଡ କୁହାଯାଉଥିବା ଶାନ୍ତିର କୁଞ୍ଜବନ ପେହଲଗାମ । ଘଟଣାସ୍ଥଳରେ ଟଳି ପଡିଲେ ଛବିଶି ଜଣ ହିନ୍ଦୁ ପର୍ଯ୍ୟଟକ ଓ ଏହି ବର୍ବରତାରେ ଅତ୍ୟନ୍ତ ଗୁରୁତର ଭାବରେ କ୍ଷତାକ୍ତ ହେଲେ ଅନେକ । ୧୯୪୭ ପାଖରୁ ଚାଲିଛି ଏମିତି ବର୍ବରତା କାଶ୍ମୀରରେ ଧର୍ମ ଆଧାରରେ । ୧୯୯୦ ଦଶକରେ କାଶ୍ମୀରରେ ଯାହା ଘଟିଥିଲା, ସେକଥା ପ୍ରକାଶ କରିବାକୁ ଭାଷା ନାହିଁ । ଅନେକ ବହି ଲେଖାଯାଇଅଛି କାଶ୍ମୀରର ନୃଶଂସ ଗଣହତ୍ୟା, ବର୍ବରତା, ପାଶବିକତା, ଅତ୍ୟାଚାର ଓ ବାଧ୍ୟତାମୂଳକ କାଶ୍ମୀର ପଣ୍ଡିତମାନଙ୍କର ପଳାୟନ ଉପରେ । ନବେ ଦଶକରେ କାଶ୍ମୀରରେ ଘଟିଥିବା ଘଟଣା ବୁଝିବା ପାଇଁ କେବଳ ଦୁଇଟି ବହି ପଢ଼ିଲେ ଯଥେଷ୍ଟ । ଗୋଟିଏ ବହିର ନାମ ' ଙଙ୍କ୍ସ ଗକ୍ଷ୍ଟକ୍ଷଭ ଷବସ୍ପ ଇକ୍ଷକ୍ଷ୍ଟକ୍ଷ୍ଟୟ ଉକ୍ଷକ୍ଷ୍ଟସ୍ପର୍ଘ' । ଏହି ବହିଟି ଲେଖିଛନ୍ତି ଜଣେ କାଶ୍ମୀର ପଣ୍ଡିତ ଯାହାଙ୍କ ନାମ ହେଉଛି ରାହୁଲ ପଣ୍ଡିତ ଯେ ନିଜ ଆଖିରେ ଦେଖିଛନ୍ତି ରକ୍ତପାତ, ମୃତ୍ୟୁ, ଧର୍ଷଣ, ନୃଶଂସତା, କ୍ରୁରତା, ପୋଡ଼ାଜଳା, ଅନ୍ୟାୟ, ଅତ୍ୟାଚାର, ଅବିଚାର ଓ ବ୍ୟଭିଚାରର କରୁଣ ହୃଦୟ ବିଦାରକ ଘଟଣା । ଅନ୍ୟ ବହିଟି ହେଉଛି ' ଗଛ ରକ୍ସକ୍ଷ୍ଟଛରଭ ଞଙ୍କସ୍ପଭଙ୍କଷରଭମର ସଭ କବସ୍ପଷଙ୍କସକ୍ସ' . ଏହି ବହିଟି ଲେଖିଛନ୍ତି ସେତେବେଳେ କାଶ୍ମୀରରେ ଗଭର୍ଣ୍ଣର ଥିବା ଜେ. କେ. ମାଲହୋତ୍ରା ସାହେବ । କାଶ୍ମୀର ଆତଙ୍କବାଦର ପ୍ରକୃତ ସ୍ୱରୂପ ଏହି ଦୁଇଟି ବହିରେ ହୃଦୟସ୍ପର୍ଶୀ ଭାବରେ ପ୍ରତିଫଳିତ ହେଇଛି ।



ଭାସ୍କର ବାରିକ୍

କାଶ୍ମୀରରେ ଏହି ଗଣହତ୍ୟାର ମାଷ୍ଟର ପ୍ଲାନ୍ ହେଇଥିଲା ପାକିସ୍ତାନରେ । ଶୁଣାଯାଉଛି ଏହି ନରସଂହାରକୁ ବାସ୍ତବ ରୂପ ଦେଇଥିଲା ଦ ରେଜିସ୍ଟାନ୍ସ ଫୋର୍ସ ଯାହା ଆତଙ୍କବାଦୀ ସଂଗଠନ ଲସ୍କର ଇ ତୋଇବାର ଅଂଶବିଶେଷ । ଏଇଠି ଗୋଟିଏ କଥା ସମସ୍ତଙ୍କ ମନକୁ ସ୍ୱାଭାବିକ ଭାବରେ ଆସୁଛି ଯେ ଆତଙ୍କବାଦୀ ମାନେ ପାରାଚୁଟ୍ ସାହାଯ୍ୟରେ ହଠାତ୍ ଓହ୍ଲେଇ ପର୍ଯ୍ୟଟକମାନଙ୍କୁ ହତ୍ୟାକରି ଫେରିଗଲେ କି ? ନିଶ୍ଚିତ ଭାବରେ ନୁହେଁ । ସେମାନେ ଏମିତି ଘୃଣ୍ୟ ନିନ୍ଦନୀୟ ଅପରାଧ ଘଟେଇବା ପୂର୍ବରୁ, ନିଶ୍ଚିତ କିଛିଦିନ ସେହି ଅଞ୍ଚଳରେ ରହିଥିବେ ଓ ଏ କ୍ଷେତ୍ରରେ କିଛି ସ୍ଥାନୀୟ ଲୋକ ସେମାନଙ୍କୁ ଅକୁଣ୍ଠିତ ସାହାଯ୍ୟ ସହଯୋଗ ଯୋଗାଇ ଦେଇଥିବେ । ତେଣୁ ଆତଙ୍କବାଦୀଙ୍କ ଠାରୁ ଅଧିକ ଦାୟୀ ସେହି ସ୍ଥାନୀୟ ଦେଶଦ୍ରୋହୀ ମାନେ । ପାକିସ୍ଥାନ ତା'ର କୁକର୍ମ ପାଇଁ ଦଣ୍ଡ ପାଇବା ସହିତ ଭାରତ ଓ କାଶ୍ମୀର ମାଟିରୁ ଯେଉଁ ଯେଉଁ ସୂତ୍ରରୁ ଆତଙ୍କବାଦୀ ମାନଙ୍କୁ ଯେଉଁ ବ୍ୟକ୍ତିମାନେ ସହାୟତା ଯୋଗେଇ ଦେଉଛନ୍ତି, ଆଗ ସେହିମାନଙ୍କୁ ଉଚିତ୍ ଶିକ୍ଷା ମିଳିବା ଉଚିତ୍ । ନିଜ ଘର ଠିକ୍ ରହିଲେ, ଭାରତ ବିରୋଧରେ ପାକିସ୍ତାନର ପରୋକ୍ଷ ଯୁଦ୍ଧ ଆପଣାଛାଏଁ ଅନେକାଂଶରେ ଅସଫଳ ହେବ । ଭାରତ ଓ କାଶ୍ମୀର ମାଟିରେ ରହି ଯେଉଁମାନେ ପାକିସ୍ତାନ ପ୍ରରୋଚିତ ଆତଙ୍କବାଦ ଓ ସନ୍ତ୍ରାସବାଦକୁ ଲୁଚିଛପି ସମର୍ଥନ କରୁଛନ୍ତି, ସେମାନେ କେମିତି ବୁଝି ପାରୁ ନାହାଁନ୍ତି ଯେ ବିଶ୍ୱ ଦରବାରରେ ଆତଙ୍କବାଦର ଏକୁଡ଼ିଶାଳ ଭାବରେ ପାକିସ୍ତାନର ବେଶ୍ ଦୁର୍ନାମ ରହିଛି ବୋଲି । ସବୁଜାଣି କିଛି ଲୋକଙ୍କର ଏତେ ପାକିସ୍ତାନ ପ୍ରେମ ଉଛୁଳି ପଡୁଛି କାହିଁକି ? ଏଭଳି ଅମଣିଷ ମାନଙ୍କୁ ଓ ଏଭଳି ଅମାନୁଷିକ ,ନାରକୀୟ, କାପୁରୁଷୋଚିତ ଜଘନ୍ୟ ହତ୍ୟାକାଣ୍ଡକୁ ସତରେ ଭାଷା ନାହିଁ ବର୍ଣ୍ଣନା କରିବାକୁ । ତେଣୁ କାଶ୍ମୀର ପ୍ରଦେଶର ଯେଉଁ ବ୍ୟକ୍ତିମାନଙ୍କର ପରିବାର ପର୍ଯ୍ୟଟକମାନଙ୍କ ପଇସାରେ ନିଜର ଭରଣପୋଷଣ କରୁଥିଲେ, ସେମାନେ ଏବେ କରିବେ କ'ଣ । ଏହି ଘଟଣା ପରେ, ନିଶ୍ଚିତ ଭାବରେ କାଶ୍ମୀରକୁ ଭାରତ ସପକ୍ଷରେ ଆନ୍ତର୍ଜାତିକ ସମୁଦାୟର ସମର୍ଥନ ଓ ଭାରତ ସରକାର ନେଇଥିବା ବେସାମରିକ ପଦକ୍ଷେପରୁ ପାକିସ୍ତାନ ବୁଝିଯିବା ଦରକାର ଭାରତର ମନୋଭାବକୁ । ଏହାପରେ ଯଦି ଭାରତ ଉପରେ ଯୁଦ୍ଧ ଲଦି ଦିଆଯାଏ, ତାହେଲେ ଶାନ୍ତିପ୍ରିୟ ଭାରତ ପାଖରେ ନିଜର ସୁରକ୍ଷା ପାଇଁ ସାମରିକ କାର୍ଯ୍ୟାନୁଷ୍ଠାନ ନେବା ବ୍ୟତୀତ ଆଉ କିଛି ବିକଳ୍ପ ନାହିଁ ।

*ବାସୁଦେବପୁର, ଭଦ୍ରକ*
*ଦୂରଭାଷ ୯୪୩୭୩୨୦୩୫୦*

# ବାସ୍ତୁ ପାଇଁ ପଦେ

ସମସ୍ତେ ଗୃହ ନିର୍ମାଣରେ ଏବେ ମନ ଦେଉଛନ୍ତି । ପୂର୍ବେ ଚାଷୀ ପଛେ କଡ଼ିଆ ଘରେ ରହନ୍ତୁ ବାରମ୍ବାର ବର୍ଷ ବର୍ଷ ପରିଶ୍ରମ କରି ସଞ୍ଚୟ କରି ନିଜ ଜମିଜମାର ପରିସର ବଢ଼ାଉଥିଲେ । ଜମିଦାର ମାନେ ଜମିଦାରୀ କିଣୁଥିଲେ ରାଜ ନିଲାମରେ ଜମିଦାରୀ ଧରୁଥିଲେ । ରାଜାମାନେ ଅନ୍ୟ ରାଜ୍ୟକୁ ଆକ୍ରମଣ କରି ଜିତିଲେ ରାଜ୍ୟ ବୃଦ୍ଧି ପାଇଁ ପରାଜିତ ରାଜା ଠାରୁ ଜମିଭୂମି ପାଇ ସାଲିସ ବା ସନ୍ଧି କରୁଥିଲେ । କିନ୍ତୁ ଏ ସମୟରେ ଯେଉଁମାନେ ଚାକିରୀ ବାଣିଜ୍ୟରେ ଭଲ ରୋଜଗାରୀ ସେମାନେ ଗାଡ଼ିବାଡ଼ିରେ ମନ ଦେଉଛନ୍ତି । ବାଡ଼ିମାନେ ଗୃହ ସହର ମାନ ଧାଡ଼ି ଘର ଭାଡ଼ିଘରରେ ଗଢ଼ି ଉଠିଲାଣି । ଏପରିକି ଜମି ମୂଲ୍ୟରେ ଶସ୍ୟ କ୍ଷେତ୍ରର ଜମି ଅପେକ୍ଷାକୃତ ଶସ୍ତା ଯୋଗୁ ତାକୁ କ୍ରୟ କରି ରାଜ କର୍ମଚାରୀଙ୍କୁ ଧରା ଧରି କରି ଉତକୋଚ ଦେଇ ଚାଷଜମି, ଜଳଜମି, ଗଡିରା ଜମିକୁ ଘରବାରୀ କରାଇ ନେଉଛନ୍ତି । ତାପରେ ଏଇ ଆଖି ଦୃଶିଆ ଧାଡ଼ି ବା ଭାଡ଼ିଘର ପୂର୍ବେ ମାଟିଘରେ ଆଟୁ ବା ମାଣ୍ଟ ଘର ଲୋକ କରିବା ଦେଖାଯାଉଥିଲା । ଏଇ ପଦ୍ଧତି ଏବେ ଭାଡ଼ି ଘର ଘର ଉପରକୁ ଘର ତିଆରି ଚାଲିଛି । ଏହା ନଭଶ୍ଚୁମ୍ବୀ ହେଲାଣି । ନଦୀର ପୋଲ ନିର୍ମାଣ ଅନେକ ବୃଦ୍ଧି ଧନ ଖର୍ଚ୍ଚ ମାତ୍ର ତାହା ଚପି ଯାଉଛି । ଏହି ଭାଡ଼ି ଘର ଗୁଡ଼ିକ ଯେ ଦିନେ ଚପିବ ନାହିଁ କିଏ କହିବ ? ମାଟିତଳେ କଣ ଅଛି କେହି ତଦନ୍ତ କରୁନାହାଁନ୍ତି କେଉଁଠି ଭଲ ପାଣି ଓ ଅଳ୍ପଦୂର ପାଣି ମିଳିବ କେହି ନବୁଝି କୂଅ ନଳକୂଅ ଖୋଳିବାରେ ବ୍ୟସ୍ତ । ଘର କଲେ ଗରର ଜଳ ନିଷ୍କାସନ କିପରି ନାଳୀ ଦ୍ୱାରା ମୁଖ୍ୟ ନାଳକୁ ଯିବ ଏକଥା କେହି ନବୁଝି ଜମିକିଣି ଘର ତିଆର କରୁଛନ୍ତି । ଘର ପାଇଁ ଫାଙ୍କା ସ୍ଥାନ,



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଭଲ ଗମନାଗମନ ରାସ୍ତା ଦରକାର ଏକଥା ଚିନ୍ତା କରାଯାଉନାହିଁ । ପ୍ରତି ଭିଟାମାଟିର କ୍ଷେତ୍ର ଉପରେ ଏକ ଅଦୃଶ୍ୟ ଛକି ରହିଛି ଚୌମ୍ବକୀୟ ଉତ୍ତର ଦକ୍ଷିଣ କ୍ଷେତ୍ରର ଦୁଇ ମେରୁ ଦୁଇ ଦିଗ ଓ ସୂର୍ଯ୍ୟଙ୍କର ଉଦୟ ଅସ୍ତ ଧାର୍ଯ୍ୟ ଗୃହର ଈଶାନରୁ ନୈରିତ କୋଣ ସମ୍ବନ୍ଧ ବା ପୂର୍ବ ପଶ୍ଚିମ ସମ୍ବନ୍ଧ । ଅନେକ ଭିତ୍ତିଭୂମି ଦିଗ ଭିତ୍ତିକ ଥିବାବେଳେ ଅନେକ ଭିତ୍ତିଭୂମି ବିଦିଶାରେ ଅଛି । ଚୁମ୍ବକର ନିମୟରେ ଉତ୍ତର ଦକ୍ଷିଣର ୧୮୦୦ ଅଂଶର ସରଳ ରେଖା ଉତ୍ତରରୁ(+) ବା (-) କିଛି କୋଣ ଏପାଖ ସେପାଖ ହୋଇପାରେ ।

ଏକ ବୃତ୍ତ ବା ଏକ ଚତୁର୍ଭୁଜ ୩୬୦ ଅଂଶର କ୍ଷେତ୍ର । ବୃତ୍ତର ଦକ୍ଷିଣ ତଳକୁ ସରଳ ରେଖା ଧରିଲେ ଠିକ ଉତ୍ତର ଦିଗର ମଧ୍ୟବିନ୍ଦୁ ସହିତ ଲମ୍ବ ଟାଣିଲେ ଉଭୟର ମଧ୍ୟବିନ୍ଦୁରେ ୪ ସମକୋଣ ହେବ । ଏକ ସମକୋଣ ୯୦ ଅଂଶ । ଚାରିସମକୋଣ ମିଶି ୩୬୦ ଅଂଶ । ପୃଥିବୀ ମେରୁକୁ ସ୍ଥିର ଧରି ଗୃହ ନିର୍ମାଣ କରାଯାଏ କିନ୍ତୁ ଏଥିରେ ବି ଭ୍ରମ ଉପୁଜେ । ପୃଥିବୀର ଭୌଗୋଳିକ ମେରୁ ଓ ଚୌମ୍ବକୀୟ ମେରୁ ମଧ୍ୟରେ ବ୍ୟବଧାନ ଅଛି । ଭୌଗୋଳିକ ମେରୁ ଠାରୁ ଆକାଶର ଧ୍ରୁବତାରା ସବୁସ୍ଥାନରେ ଅଲଗା ଅଲଗା ସ୍ଥିତିରେ ରହେ । ସ୍ଥୂଳତଃ ଧ୍ରୁବତାରା ଉତ୍ତର ଦିଗରେ ଧରାଗଲେ ବି ପୃଥିବୀର ଅକ୍ଷାଂଶ ଦ୍ରାଘିମା ଦୃଷ୍ଟେ ମେରୁରୁ ଭିନ୍ନ ଦିଗ ସୃଷ୍ଟି କରେ । ଏହାକୁ ଉଚ୍ଚସ୍ତରର ତ୍ରିକୋଣମିତି, ପରିମିତି ଜ୍ଞାନ ନଥିବା ଲୋକ ସ୍ଥିର କରି ବସ୍ତୁ ନିର୍ମାଣକୁ ପରାମର୍ଶ ଦିଅନ୍ତି ନାହିଁ । ଯେମିତି ସେମିତି ସ୍ଥୂଳଜ୍ଞାନ ଘର କଲେ ଏପାଇଁ ଗୃହରେ ରୋଗ, ଅଶାନ୍ତି, ଅକାଳ ମୃତ୍ୟୁ ବିଚ୍ଛେଦ ଘଟିଥାଏ । ଚାରିକୋଣ ବସ୍ତୁରେ ଈଶାନ କୋଣର ଅଭିବୃଦ୍ଧିର ଭୂମି ଉତ୍କୃଷ୍ଟ । ଈଶାନ କୋଣ ପୂର୍ବ ଉତ୍ତର କୋଣ । ବାସ୍ତୁର ନୈରିତ ଦକ୍ଷିଣ ପଶ୍ଚିମ କୋଣକୁ ବାସ୍ତୁର ନିର୍ମାଣ ଭୂମିରେ ଏକ ସମକୋଣରେ ରଖିବାକୁ ପଡ଼େ । ବାସ୍ତୁର ଭୂମିରେ ପୂର୍ବ ଓ ଉତ୍ତର ପଟେ ବେଶୀ ସ୍ଥାନ ଛାଡ଼ିବାକୁ ପଡ଼େ । ସୂର୍ଯ୍ୟକିରଣ ପାଇଁ ପୂର୍ବେ ଚାରି ପଟରେ ନିର୍ମାଣ କରି ମଧ୍ୟରେ ଅଗଣା ରଖାଯାଉଥିଲା । ଯାହା ବାହାର ଓ ଭିତର ଉଭୟ ପଟରେ ସୂର୍ଯ୍ୟ କିରଣ ଘରେ ପଡୁଥିଲା । ଏବେ ଅଗଣା ମଧ୍ୟ ନାହିଁ । କ୍ଷେତ୍ରର ଚୌକର ମଧ୍ୟ ସ୍ଥାନକୁ ବ୍ରହ୍ମସ୍ଥାନ କୁହାଯାଏ । ଏ ସ୍ଥାନରେ ସିଡ଼ିଘର, କାନ୍ଥ, ଖମ୍ବ ରଖିଲେ ଗୃହ ବାସିନ୍ଦାଙ୍କର ବହୁ ପ୍ରକାର କ୍ଷତି ହୁଏ । ଏ ସମୟରେ ଗ୍ୟାସ ସିଲିଣ୍ଡର ରଖି ଗୃହରେ ରୋଷେଇ ହେଉଛି ଏଣୁ ଅଗ୍ନୀକୋଣରେ ରୋଷେଇ ଘର କରାଯିବା ଦରକାର । ପୂର୍ବେ ଦେଇପିଣ୍ଡି ଘର ଈଶାନରେ କରାଯାଇ ବାହାରେ ରୋଷେଇ କରି ସେ ଘରେ ରୋଷେଇ ଅନ୍ନ ରଖାଯାଉଥିଲା । କେବଳ ଦିଅଁଙ୍କ ପାଇଁ ରୋଷେଇ ପର୍ବ ପର୍ବାଣୀରେ କରାଯାଉଥିଲା ହେଲେ କାଠ ଚୁଲୀରେ ଏହା ହେଉଥିଲା । ଦେଇପିଣ୍ଡି ଘରୁ ବରକନ୍ୟାଙ୍କର ଅନୁକୂଳ କୌଣସି ବିଦେଶ ଯିବା ଯାତ୍ରାର ଅନୁକୂଳ କରାଯାଏ । ବିବାହିତ ନବବଧୂ ଗୃହ ପ୍ରବେଶରେ ପ୍ରଥମେ ଦେଇପିଣ୍ଡିରେ ପ୍ରବେଶ କରି କୁଳ ଦେବତାଙ୍କୁ ପ୍ରଣାମ କରି କିଛି କ୍ଷଣ ବସିବା ବ୍ୟବସ୍ଥା ରହିଛି । ଏବେ ଭୋଜନକୁ ବଡ଼ ଘର, ବୈଠକ ଖାନାରେ ବଡ଼ଘର, ଶୟନ ଘର ବଡ଼ ମାତ୍ର ଭଜନ ସତସଙ୍ଗ ଠାକୁର ଘରକୁ ଛୋଟଘର । ଏକତ୍ର ସନ୍ଧ୍ୟା କାଳରେ ଗୃହର ଲୋକମାନେ ଏକତ୍ର ହୋଇ ପ୍ରାର୍ଥନା କରୁନାହାଁନ୍ତି । ଠାକୁର ଘର ଅର୍ଥ ସ୍ୱର୍ଗର ଦେବ ନିବାସର ଅଂଶ । ଏହାର ଶୁଦ୍ଧତା ସ୍ୱଚ୍ଛତା ନିମୟରେ ରଖିବା କଥା । ରୋଷେଇ ଘର ପାଖକୁ ପାଇଖାନା ପାଖକୁ ଠାକୁରଘର କେବେ ରଖିବା କଥାନୁହଁ । ଯେଉଁ ଠାକୁର ଘରେ ଧୂପକାଠି, ଝୁଣା କର୍ପୂର ଆଦି ଧୂପ ଦିଆଯାଉଛି ସେଠାରେ ଦୁର୍ଗନ୍ଧ ପରିବେଶ ଶୁଖୁଆ ପୋଡ଼ା ସଢ଼ାମାଛ ଭଜା, ଅଣ୍ଡା ଆମଲେଟ ପ୍ରସ୍ତୁତି ମାଂସ ମାଛ ତରକାରୀ କଷାର ବାସ୍ନା ଆସିଲେ ସେଥିରେ ଦେବତା ତୃପ୍ତି ରହିବେ କି ? ସେମାନେ ଅଦୃଶ୍ୟ ହେଲେବି ଧରାଯାଏ ସେମାନେ ବାସନା ଭୋଗୀ । ପାଇଖାନା ଏବେ ଶୟନଗୃହକୁ ଲାଗୁଛି । ଘରର ମଧ୍ୟକୁ ମୁହଁ କରି ରହୁଛି । ଏଥିରେ ମୂତ୍ର, ଦୁର୍ଗନ୍ଧରେ ଲୋକ ଉପରେ ସ୍ୱାସ୍ଥ୍ୟ ସଙ୍କଟ ଦେଖାଦେଇପାରେ । ଦୁର୍ଗନ୍ଧ, ପଚାଗନ୍ଧ ପ୍ରେତ ଭୂତଙ୍କର ପ୍ରିୟ ବୋଲି ଗୁଣିଆମାନେ ଏପରି ଅଡୁଆ ବାଳର ଧୂପ ପ୍ରେତଭୂତ ଗ୍ରସ୍ଥଙ୍କ ମୁହଁରେ ଲଗାନ୍ତି । ଦୁର୍ଗନ୍ଧହରା ଗୃହ ଦେବସ୍ଥାନ ସର୍ବଦା ହିତକର । ଏହା କେବଳ ଭୂତ ପ୍ରେତ ନୁହଁ ଭୂତାଣୁ ନାଶକାରୀ କୀଟାଣୁ ନାଶକାରୀ ହୋଇଥାଏ । ମଶା, ମାଛି, ଅସରପା ସବୁଘରର ସମସ୍ୟା ଏହା ଝୁଣା, ଲୋବନ ଗୁଗୁଳ ଶୁଖିଲା ନିମ୍ବପତ୍ର କମଳାଚୋପାର ଧୂପ ଦ୍ୱାରା ଦୂରୀଭୂତ ହେବା ସଙ୍ଗେ ସଙ୍ଗେ ଗୃହକୁ ସୁବାସିତ ରଖେ । ଗ୍ରାମ ଦେବତା ମାର୍ଜନାରେ ଚୂନା ମଥାଘଷା, ହଳଦୀ, ଚନ୍ଦନ, ସିନ୍ଦୂର ଲାଗେ । ଏଠାରେ ଶୁଣା ଧୂପ କର୍ପୂର ଆଳତି କରାଯାଏ । ଶଙ୍ଖନାଦ ଘଣ୍ଟନାଦ ଢ଼ୋଲନାଦ କରାଯାଏ ଯାହା ପାଖ ଭୂମିର ଅନେକ ଅନେକ ପତଙ୍ଗ ଝିଣ୍ଟିକା ପଙ୍ଗପାଳ ଶସ୍ୟକ୍ଷେତ୍ର ନାଶକାରୀ ପୋକ ଦୂରେଇ ଯାଆନ୍ତି । ସର୍ପ ଚକ୍ଷୁଶ୍ରବା ତା ଚକ୍ଷୁରେ ସେ ଏହି ନାଦ ସହ୍ୟ କରିପାରେ ନାହିଁ ଓ ଚୁଆର ଗନ୍ଧ ଓ ହଳଦୀର ବାସ୍ନା ସହ୍ୟ କରିପାରେନାହିଁ । ପ୍ରବଳ ଭାବରେ ଏବେ ଅତର ବ୍ୟବହାର ବଢ଼ିଛି ଶସ୍ତା କୃତ୍ରିମ ଅତର ସ୍ପିରିଟ ଯୁକ୍ତ ଲୋକେ ଯୁବକ ଗୋଷ୍ଠୀର ସ୍ୱଝାଳ ଦୁର୍ଗନ୍ଧ ନାଶ ପାଇଁ ଶରୀରରେ ସ୍ପ୍ରେ କରୁଛନ୍ତି ବାସ୍ନା ସାବୁନ ଲଗାଉଛନ୍ତି । ଘରର ନାରୀ ହଳଦୀ ବ୍ୟବହାର ଭୁଲିଗଲେଣି । ଗାତ୍ର ହରିଦ୍ରା ବାଡୁଅ ପାଣି ଗାଧୁଆ ଏକ ବିଶେଷ ଅନୁଷ୍ଠାନ ବିବାହରେ ଅଛି । ଯହିଁରେ ଝିଅମାନେ ଏ ହଳଦୀ ଲଗା ଏଠାରୁ ଶାଶୁଘରେ ହଳଦୀ ବଟା କ୍ରିୟା ଶିକ୍ଷାକରି ପ୍ରତିଦିନ ବା ବ୍ରତପୂଜାରେ ଲଗାନ୍ତି । ଏସବୁ ପ୍ରତି ବସ୍ତୁର ଆନୁସଙ୍ଗିକ ଜିନିଷ । କୃତ୍ରିମରେ ଭାସିଗଲେ ସତ୍ୟ ଦୂରତା ବଢ଼ୁଛି । ଉତ୍ତମ ବାସ୍ତୁବିତ୍ତଙ୍କ ଦ୍ୱାରା ପ୍ରତି ନିର୍ମାଣ ବା ବଡ଼ବଡ଼ ଦ୍ରବ୍ୟ ଗୃହର ଅବସ୍ଥାନ ପାଇଁ ପରାମର୍ଶ ଦରକାର । ଏମାନେ ବାସ୍ତୁ ପାଇଁ ପରାମର୍ଶଦାତା ପୁରୋହିତ ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ,
ଦୂରଭାଷ : ୯୪୩୭୦୩୧୨୫୩

# ସଂକ୍ରାମକ ହେପାଟାଇଟିସ୍ : ବିଜ୍ଞାପିତ ରୋଗ

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚୀତ କରାଯାଇଛି ଯେ ରାଜ୍ୟରେ ହେପାଟାଇଟିସ ବି ଓ ହେପାଟାଇଟିସ ସି ଏକ ବୃହତ ଜନସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଛି ଓ ଏହା ଏକ ରୋଗ ରକ୍ତବାହିତ ରୋଗ ହୋଇଥିବାରୁ ଏହାକୁ ଏକ ନୋଟିଫାୟବଲ (ବିଜ୍ଞାପିତ ରୋଗ) ଅଟେ । ତେଣୁ ସମସ୍ତ ସରକାରୀ, ଘରୋଇ, ଏଜିଓ କ୍ଷେତ୍ରରେ ରୋଗୀଙ୍କ ପରୀକ୍ଷା ଚିକିତ୍ସା ହେଉଥିଲେ ଏ ନେଇ ସମସ୍ତ ସମ୍ପର୍କିତ ତଥ୍ୟ ଜିଲ୍ଲା ତଥା ରାଜ୍ୟର ସର୍ଭେଲାନ୍ସ ଅଧିକାରୀଙ୍କୁ ଜଣାଯିବ । ସୂଚନାଥାଉକି ହେପାଟାଇଟିସ ସିକୁ ସଠିକ ସମୟରେ ତନିମାସ ପାଇଁ ଚିକିତ୍ସା କରାଗଲେ ତାହା ଭଲ ହୋଇପାରିବ ମାତ୍ର ହେପାଟାଇଟିସ ବି ପାଇଁ ଜୀବନବ୍ୟାପୀ ଚିକିତ୍ସା ଦରକାର । ତେବେ ଡାଇଗ୍ନୋସିସର ଅଭାବ ପାଇଁ ଯକୃତ ନଷ୍ଟ ଓ ହେପାଟୋ ସେଲ୍ୟୁଲାର କାର୍ସିନୋମା ବା ଯକୃତ କର୍କଟ ଦେଖାଦେଉଛି । ରାଜ୍ୟରେ ଏହି ଦୁଇ ରୋଗକୁ ହ୍ରାସ କରିବାକୁ ହେଲେ ଧାର୍ଯ୍ୟ ସମୟରେ ଆବଶ୍ୟକ ତଥ୍ୟ ସହିତ ପ୍ଲାନିଂ ଓ ଇଣ୍ଟରଭେସନର ଆବଶ୍ୟକତା ରହିଛି । ସୂଚନା ଥାଉକି ଗତ ବର୍ଷ ସ୍ୱାସ୍ଥ୍ୟ ବିଭାଗ କର୍କଟ ରୋଗକୁ ଏକ ନୋଟିଫାଏବୁଲ ରୋଗ ଭାବେ ଘୋଷଣା କରିଥିଲେ । ସାଧାରଣରେ ହେପାଟାଇଟିସ୍ ବି ଏକ ସଂକ୍ରାମକ ରୋଗ । ହେପାଟାଇଟିସ 'ବି' ଭୂତାଣୁ ଦ୍ୱାରା ସୃଷ୍ଟି ହେଉଥିବା ଏହି ରୋଗଟି ମଣିଷର ଯକୃତକୁ ଆକ୍ରାନ୍ତ କରି ଯନ୍ତ୍ରଣା ଦେଇଥାଏ । ଯାହାକୁ ଯକୃତ ପ୍ରଦାହ କୁହାଯାଏ । ଏହି ରୋଗୀ ମାନଙ୍କର ଆଖି ହଳଦିଆ ଦିଶେ, ଏହା ସହ ଯକୃତ ଫୁଲିଯାଇଥାଏ, ଜ୍ୱର ଅନୁଭୂତ ହେବା ସହ ବାନ୍ତି ମଧ୍ୟ ହୋଇଥାଏ । ଯଦି ଦୀର୍ଘ ଚିକିତ୍ସା ଦ୍ୱାରା ଶରୀରରୁ ଏହି ଭୂତାଣୁର ବିଲୋପ ନହୁଏ ତେବେ ଏହା ଲିଭର ସିରୋସିସ୍ ବା ଜଳଉଦରୀ ଏବଂ ଯକୃତ କର୍କଟ ରୋଗ ମଧ୍ୟ ସୃଷ୍ଟି କରିପାରେ । ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ ଆମ ଦେଶରେ ପ୍ରାୟ ୮୦ଭାଗ ଯକୃତ କର୍କଟ ରୋଗ ପାଇଁ ହେପାଟାଇଟିସ୍ 'ବି' ସଂକ୍ରମଣ ହିଁ ଦାୟୀ । ଦେଶରେ ହେପାଟାଇଟିସ୍ 'ବି' ଭୂତାଣୁର ବାହକ ବହୁ ସଂଖ୍ୟାରେ ଅଛନ୍ତି । ଏହି ବାହକମାନେ ସାଧାରଣରେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ଭୂତାଣୁ ଦ୍ୱାରା ଅନ୍ୟ ଲୋକମାନେ ମଧ୍ୟ ସଂକ୍ରମିତ ହୋଇଥାନ୍ତି । ବିଶୁଦ୍ଧ ହୋଇନଥିବା ଛୁଞ୍ଚି ଦ୍ୱାରା ଇଞ୍ଜେକସନ୍ ନେଲେ କିମ୍ବା କର୍ଣ୍ଣଛେଦନ (କାନଫୋଡା ବା ଚିତାକୁଟା) କଲେ, ଅପରିଷ୍କାର ଯନ୍ତ୍ରପାତି ଦ୍ୱାରା ଅସ୍ତ୍ରୋପଚାର ବା ଘା' ସିଲେଇ କଲେ, ଏହି ସଂକ୍ରମଣର ସମ୍ଭାବନା ରହିଥାଏ । ସେହିପରି ସଂକ୍ରମିତ ରକ୍ତଦେଲେ ହେପାଟାଇଟିସ୍ 'ବି' ଭୂତାଣୁ ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନା ଖୁବ୍ ବଢ଼ିଥାଏ । ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ମଧ୍ୟ ଏହି ରୋଗ ବ୍ୟାପିଥାଏ ।

ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମାଆ ଠାରୁ ଭୂତାଣୁର ଶିକାର ହୋଇଥାନ୍ତି ଯାହାକୁ ସିଧାପ୍ରସାରଣ କୁହାଯାଏ । ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ । ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ । ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ମଧ୍ୟ ଏହି ଭୂତାଣୁ ବ୍ୟାପିଥାଏ । ସମଗ୍ର ପୃଥିବୀରେ ୩୫୦ ମିଲିୟନ ଲୋକ ହେପାଟାଇଟିସ୍ 'ବି'ର ବାହକ । ଛଅ ଲକ୍ଷ ଲୋକ ପ୍ରତିବର୍ଷ ହେପାଟାଇଟିସ୍ 'ବି' ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରନ୍ତି । ଆମେରିକା, ୟୁରୋପ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଇତ୍ୟାଦି ଦେଶରେ ହେପାଟାଇଟିସ୍ 'ବି'ର ବାହକ ସାଧାରଣତଃ କମ୍ (୦.୧-୨%) । ଜାପାନ, ଭାରତ, ସିଙ୍ଗାପୁର ଓ ଭୂମଧ୍ୟ ସାଗରୀୟ ଅଞ୍ଚଳରେ ୩-୫% ବ୍ୟକ୍ତି ହେପାଟାଇଟିସ୍ 'ବି'ର ବାହକ । ଦକ୍ଷିଣ ପୂର୍ବ ଏସିଆ, ଚାଇନା ଓ ଆଫ୍ରିକା ମହାଦେଶରେ ୮ରୁ ୧୨% ବ୍ୟକ୍ତି ହେପାଟାଇଟିସ୍ 'ବି'ର ବାହକ ଅଟନ୍ତି ।

ଆମ ଦେଶରେ ବର୍ତ୍ତମାନ ପାଖାପାଖି ପାଞ୍ଚକୋଟି ହେପାଟାଇଟିସ୍ 'ବି' ଭୂତାଣୁର ବାହକ ରହିଛନ୍ତି । ଏହି ହେପାଟାଇଟିସ୍ 'ବି' ଭୂତାଣୁ ସଂକ୍ରମିତ ପିଲାମାନଙ୍କ ସାଧାରଣତଃ କୌଣସି ଲକ୍ଷଣ ନଥାଏ ଓ ଏମାନେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ସୁସ୍ଥ ଦେଖାଯାଉଥିବା ପିଲାମାନେ ତାଙ୍କ ସଂସ୍ପର୍ଶରେ ଆସୁଥିବା ଅନ୍ୟ ପିଲାମାନଙ୍କୁ ଅଜାଣତରେ ଏହି ଭୂତାଣୁ ପ୍ରଦାନ କରିଥାନ୍ତି । ପରବର୍ତ୍ତୀ କାଳରେ ଏହି ସୁସ୍ଥ ଦେଖାଯାଉଥିବା ବାହକ ପିଲାଟି ଯକୃତ ସିରୋସିସ୍ ବା ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାଏ । କେତେକ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଶିଶୁ ଅବସ୍ଥାରେ ସଂକ୍ରମିତ ହୋଇଥିବା ପ୍ରତି ଚାରିଜଣଙ୍କ ମଧ୍ୟରୁ ଜଣେ ଯକୃତ କର୍କଟ ରୋଗରେ ପ୍ରାଣ ହରାଇଥାନ୍ତି ।



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ପ୍ରକାଶିତ ବିଭିନ୍ନ ରିପୋର୍ଟର ତଥ୍ୟ ଅନୁଯାୟୀ ଜଣାଯାଇଛି ଯେ, ଭାରତରେ ପ୍ରତି କୋଡିଏ ଜଣଙ୍କ ମଧ୍ୟରୁ ଅନ୍ୟୁନ ଜଣେ ଏହି ହେପାଟାଇଟିସ୍ 'ବି' ଭୂତାଣୁର ବାହକ । ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ଏହାଯେ, ଅଧିକାଂଶ ବାହକମାନେ ଜାଣିନଥାନ୍ତି ଯେ ସେମାନେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ । ଏହି ବାହକ ମାନଙ୍କ ସାଙ୍ଗରେ ଆକସ୍ମିକ ସଂପର୍କ ଦ୍ୱାରା ଏହି ଭୂତାଣୁ ଜଣେ ସୁସ୍ଥ ଲୋକର ଶରୀରକୁ ପ୍ରବେଶ କରେ । ହେପାଟାଇଟିସ୍ 'ବି' ଏଡ୍‌ସ ଠାରୁ ଶହେଗୁଣ ଅଧିକ ସଂକ୍ରାମକ । ପରିସଂଖ୍ୟାନରୁ ଜଣାଯାଇଛି ଭାରତରେ ପାଞ୍ଚକୋଟିରୁ ଅଧିକ ହେପାଟାଇଟିସ୍ 'ବି'ର ବାହକ ଅଛନ୍ତି ଓ ଚାଳିଶ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଏହି ଭୂତାଣୁ ଜନିତ ସାଙ୍ଘାତିକ ଯକୃତ ରୋଗରେ କଷ୍ଟ ପାଉଛନ୍ତି । ପ୍ରତିବର୍ଷ ପ୍ରାୟ ଏକଲକ୍ଷ ଲୋକ ଏହି ଭୂତାଣୁ ଜନିତ ଯକୃତ ରୋଗରେ ମୃତ୍ୟୁବରଣ କରିଥାନ୍ତି । ହେପାଟାଇଟିସ୍ 'ବି' ପ୍ରତିଷେଧକ ଟୀକା ବ୍ୟବହାର କଲେ ଏହି ରୋଗରୁ ସୁରକ୍ଷିତ ରହିହେବ । ସାଧାରଣତଃ ତିନୋଟି ଟୀକା ଜଣେ ଲୋକକୁ ନେବାକୁ ପଡ଼ିଥାଏ । ପ୍ରଥମ ଟୀକାର ଏକମାସ ପରେ ଦ୍ୱିତୀୟ ଟୀକା ଓ ପ୍ରଥମ ଟୀକାର ଛଅମାସରେ ତୃତୀୟ ଟୀକା ନେବାକୁ ପଡ଼ିଥାଏ । ସାଧାରଣତଃ ଏହି ଟୀକା ନେବାପରେ ଶରୀରରେ କୌଣସି କୁପ୍ରଭାବ ଦେଖାଯାଇନଥାଏ । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ସଂକ୍ରାମକ ହେପାଟାଇଟିସ୍ 'ବି' ପାଇଁ ଯେଉଁ ପ୍ରକାରର ଉତ୍କୃଷ୍ଟ ଧରଣର ଔଷଧ ଆବିଷ୍କାର ହୋଇଅଛି ତାହାଦ୍ୱାରା ଏହି ଭୂତାଣୁକୁ ଶରୀରରୁ ସଂପୂର୍ଣ୍ଣ ନିଶ୍ଚିହ୍ନ କରିହେବନାହିଁ । ଯେଉଁ ଔଷଧଗୁଡ଼ିକ ଏହି ଭୂତାଣୁ ବିରୋଧରେ କିଛି ପରିମାଣରେ ସଫଳତା ଲାଭ କରିଥାଏ ସେଗୁଡ଼ିକ ମଧ୍ୟରୁ ବଜାରରେ ଉପଲବ୍ଧ ହେଉଥିବା ଇଣ୍ଟରଫେରନ୍, ଏଣ୍ଟାକେଭିର ଓ ଟେନୋଫୋଭିର୍ ମୁଖ୍ୟ । ଏହି କାରଣ ଯୋଗୁଁ ସବୁଠାରୁ ଉତ୍ତମ ଉପାୟ ହେଉଛି ସଂକ୍ରମଣରୁ ନିଜକୁ ରକ୍ଷା କରିବା, ଏହା କେବଳ ଟୀକା ଦ୍ୱାରା ସମ୍ଭବ । ସାଧାରଣତଃ ହେପାଟାଇଟିସ୍ 'ବି' ଏକ ସଂକ୍ରାମକ ରୋଗ ହୋଇଥିଲେ ବି ଏହାକୁ ନେଇ ସେପରି ଭୟଭୀତ ହେବାର କାରଣ ନାହିଁ । ଅଭିଜ୍ଞ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନେଲେ ପ୍ରାଥମିକ ଅବସ୍ଥାରୁ ଏହାର ନିରାକରଣ ସମ୍ଭବ ।

ପ୍ରଫେସର, ହେପାଟାଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭




# ସୋନାଲିକା ର ଏପ୍ରିଲରେ ୧୧,୯୬୨ଟି ଟ୍ରାକ୍ଟର ବିକ୍ରି ରେକର୍ଡ଼



ଭୁବନେଶ୍ୱର(ପି.ଏନ): ଭାରତର ଏକ ନମ୍ବର ଟ୍ରାକ୍ଟର ରପ୍ତାନୀକାରୀ ବ୍ରାଣ୍ଡ, ସୋନାଲିକା ଟ୍ରାକ୍ଟର୍ସ ଏପ୍ରିଲ ୨୦୨୫ରେ ମୋଟ ୧୧୯୬୨ଟି ଟ୍ରାକ୍ଟର ବିକ୍ରି ସହ ୨୦୨୫-୨୬ ଆର୍ଥିକ ବର୍ଷର ଶୁଭାରମ୍ଭ କରିଛି। କୃଷକମାନଙ୍କ ଅଂଚଳ-କେନ୍ଦ୍ରିତ ଆବଶ୍ୟକତା ଅନୁଯାୟୀ ଏହାର ଷ୍ଟେଟ-ଅଫ-ଦ-ଆର୍ଟ ଟ୍ରାକ୍ଟରଗୁଡିକୁ କଷ୍ଟମାଇଜ କରି ସୋନାଲିକା ନିର'ର ଭାବେ ମୂଲ୍ୟ-ଚାଳିତ ସମାଧାନଗୁଡିକୁ ଆଣିବା କ୍ଷେତ୍ରରେ ଆଗରେ ରହୁଛି ଯାହା ଭାରତବ୍ୟାପୀ କୃଷକଙ୍କ ପାଇଁ ସ୍ଥାୟୀ ଓ ଲାଭଦାୟକ ଅଭିବୃଦ୍ଧିକୁ ସଶକ୍ତ କରୁଛି। ସୋନାଲିକା ଟ୍ରାକ୍ଟର୍ସ ପକ୍ଷରୁ ଏହାର ବହୁପ୍ରତିକ୍ଷୀତ 'ସୋନାଲିକା ତୁଫାନି ଧମାକା' ଅଫର୍‌ର ମଧ୍ୟ ଶୁଭାରମ୍ଭ କରାଯାଇଛି ଯାହା ଦେଶବ୍ୟାପୀ କୃଷକଙ୍କ ପାଇଁ ସୋନାଲିକା ହେଭି ଡ୍ୟୁଟ ଟ୍ରାକ୍ଟରଗୁଡିକୁ ଅବିଶ୍ୱସନୀୟ ମୂଲ୍ୟରେ କ୍ରୟ କରିବା ପାଇଁ ଏକ ଉତ୍ସାହଜନକ ସୁଯୋଗ ପ୍ରଦାନ କରୁଛି ।ସୋନାଲିକା ଟ୍ରାକ୍ଟରର ହେଭି ଡ୍ୟୁଟି ଟ୍ରାକ୍ଟରଗୁଡିକୁ କୃଷକଙ୍କ ଦକ୍ଷତା ବୃଦ୍ଧି ପାଇଁ ନିର୍ମାଣ କରାଯାଇଛି। କମ୍ପାନୀ ଏହାର ବିଶ୍ୱର ୧ ନମ୍ବର ଇଂଟିଗ୍ରେଟେଡ ଟ୍ରାକ୍ଟର ମାନୁଫ୍ୟାକ୍ଟରିଂ ଫ୍ୟାସିଲିଟିର ଶକ୍ତିକୁ ବ୍ୟବହାର କରୁଛି ଯାହା ପ୍ରତି ୨ ମିନିଟରେ ଥରେ ଏକ ଉଚ୍ଚ ମାନର ଟ୍ରାକ୍ଟର ନିର୍ମାଣ କରିଥାଏ ଏବଂ ଭାରତୀୟ କୃଷକଙ୍କ ପାଇଁ କାର୍ଯ୍ୟଦକ୍ଷତା-ଭିତିକ ସମାଧାନ ପ୍ରଦାନ କରିଥାଏ। ସୋନାଲିକାର ସଫଳତା ସମ୍ପର୍କରେ ଇଂଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତଲ କହିଛି, 'ଆମେ ଏପ୍ରିଲ ୨୦୨୫ରେ ୧୧,୯୬୨ଟି ଟ୍ରାକ୍ଟର ବିକ୍ରିର ଏକ ସକାରାତ୍ମକ ଆରମ୍ଭ ସହିତ ୨୦୨୫-୨୬ ଆର୍ଥିକ ବର୍ଷର ଯାତ୍ରା ଆରମ୍ଭ କରିଛୁ। କୃଷକଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ପାଇଁ ଆମର ହେଭି-ଡ୍ୟୁଟି ଟ୍ରାକ୍ଟରଗୁଡିକୁ ଉନ୍ନତ ମୂଲ୍ୟରେ ରଣନୈତିକ ଭାବେ ବିକଶିତ ଓ ଅବସ୍ଥାପିତ କରାଯାଉଛି ଏବଂ ପ୍ରତ୍ୟେକ କୃଷି କ୍ଷେତ୍ରରେ ସମୃଦ୍ଧି ଆଣିବା ପାଇଁ ଆମର କୃଷକ-ପ୍ରଥମ ଆଦର୍ଶ ଦ୍ୱାରା ଏହା ପରିଚାଳିତ ହେଉଛି। ସୋନାଲିକା ଟ୍ରାକ୍ଟର୍ସ ସର୍ବୋତମ ଶ୍ରେଣୀର ଟ୍ରାକ୍ଟର ପ୍ରଦାନ କରିବା କ୍ଷେତ୍ରରେ ଏହାର 'ନୋ କମ୍ପ୍ରମାଇଜ୍' ନୀତି ଅନୁସରଣ କରୁଛି ଯାହା ହିତାଧିକାରୀଙ୍କ ସ୍ୱାର୍ଥକୁ ସର୍ବାଧିକ କରିଥାଏ। ଏହା ଆଗକୁ ବର୍ଷ ସାରା ଯୋଜନା କରାଯାଇଥିବା ନୂତନ ପଦକ୍ଷେପଗୁଡିକ ସହିତ ଆମର ଗ୍ରାହକଙ୍କୁ ଚିରସ୍ଥାୟୀ ଖୁସି ପ୍ରଦାନ କରିବା ନିଶ୍ଚିତ କରିବ।'

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି। ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍‌ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍‌ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍‌ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି। ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପ ାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବା ିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପ ମିତା ମୁଣ୍ଡା, ପୂର୍ବତନ ସରପ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଳହରି ସରପ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପ ଙ୍କ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କ୍ରସରରେ ଚାପିହୋଇ ଜଣେ ଶ୍ରମିକ ମୃତ, ଅନ୍ୟ ଜଣେ ଗୁରୁତର

ଧର୍ମଶାଳା,(ପିଏନ୍): ଧର୍ମଶାଳା ତହସିଲ ଜେନାପୁର ଥାନା ଅ'ର୍ଗତ ରହାଡପୁରସ୍ଥିତ ଏକ କ୍ରଶର୍ ରେ କାମ କରୁଥିବା ବେଳେ ଅଘଟଣ ଘଟି ଜଣେ ଶ୍ରମିକ ଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ମୃତ ଶ୍ରମିକ ଜଣକ ପଶ୍ଚିମବଙ୍ଗ ବାଙ୍କୁଡା ଜିଲ୍ଲା ଖଜୁରିଆ ଗ୍ରମର ଶ୍ୟମଚରଣ ହଂସଦା (୪୫) ଓ ଆହତ ଜଣକ ସେହି ଗ୍ରାମର ଅନିଲ ସୋରେନ (୩୨) ବୋଲି ଜଣାପଡିଛି ସୂଚନା ମୁତାବକ ରହାଡପୁର ରେ ଥିବା ଶିବଶକ୍ତି ମେଗା କ୍ରାସର ରେ ଆଜି ସକାଳୁ ଶ୍ରମିକମାନେ କାମ କରୁଥିବା ବେଳେ ଅସାବଧାନତା ବସତ କ୍ରଶର ଚକରେ ଚାପି ହୋଇ ଜଣକର ମୃତ୍ୟୁ ଘଟିଥିବା ବେଳେ ଆନ୍ୟ ଜଣେ ଶ୍ରମିକ ଗୁରୁତର ଆହତ ହୋଇଥିଲେ । ଦୁର୍ଘଟଣାରେ ଆହତ ଶ୍ରମିକଙ୍କୁ ସ୍ଥାନୀୟ ଶ୍ରମିକମାନେ ଉଦ୍ଧାର କରି ବଡଚଣା ଡାକ୍ତରଖାନାରେ ଭର୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଶ୍ରମିକର ମୃତଦେହକୁ କ୍ରଶର ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ଏକ ମହେନ୍ଦ୍ର ପିକଅପଭ୍ୟାନରେ ଭଡିକରି ମୃତକର ଶବ କୁ ଅନ୍ୟତ୍ର ନେଇଯାଉଥିବା ବେଳେ ଶବକୁ ଗାଏବ୍ କରିବା ଅଭିଯୋଗ କରି ସ୍ଥାନୀୟ ଲୋକେ ସମ୍ପାରୁ ଛକରେ ମୃତ ଦେହକୁ ଅଟକ ରଖି ରାସ୍ତା ରୋକ କରିଥିଲେ । ଫଳରେ ସେଠାରେ କିଛି ସମୟ ପାଇଁ ଚାପା ଉତେଜନା ପ୍ରକାଶ ପାଇଥିଲା । ଖବର ପାଇ ଘଟଣା ସ୍ଥଳରେ ଯାଜପୁର ରୋଡ ଏସଡିଓ ସୟ କୁମାର ପଟ୍ଟନାୟକ, ବଡ଼ଚଣା ଥାନା ଅଧିକାରୀ ଶରତ କୁମାର ପାତ୍ର, ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ, ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ଥାନା କର୍ମଚାରୀମାନେ ସେଠାରେ ଉପସ୍ଥିତ ରହି ଲୋକଙ୍କୁ ବୁଝାଶୁଝା କରିଥିଲେ । ମୃତକର ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ସହ ବେଆଇନ କ୍ରଶର ଗୁଡିକୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବା ସହ ଗ୍ରାମବାସିମାନେ ଲିଖିତ ଆକାରରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ । ତେବେ ମୃତକର ପରିବରକୁ କ୍ଷତିପୂରଣ ପ୍ରଦାନ ସହିତ ବେଆଇନ କ୍ରଶର ଗୁଡିକ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାରଙ୍କୁ ଅବଗତ କରାଯିବା ନେଇ ପୁଲିସେ ପକ୍ଷରୁ ପ୍ରତିସ୍ତୃତି ମିଳିବା ପରେ ଲୋକେ ଶବକୁ ଛାଡିବା ସହିତ ରାସ୍ତାରୋକରୁ ହଟିଥିଲେ । ଏନେଇ ଜେନାପୁର ପୁଲିସ ଏକ କେଶ ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଛେଦଲାଗି ପଠାଇବା ସହ ତଦନ୍ତ ଚଳାଇଛି ।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି । ନୂତନ ଲିଜ୍ ପାଇଥିବା କାସ୍‌ଭି ଇ ରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା । ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ୍ୟ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକ । ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି । ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପକ୍ଷ ବୁଝାମଣାରେ ନିଷ୍ପତି ନିଆଯିବ ।

## ୮ ସିଫ୍ଟ ଶାଗୁଆନ କାଠ ଜବତ, ଜଣେ ଗିରଫ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲାର କିରିବୁର ସେଲ କଲୋନୀରେ ଶୁକ୍ରବାର ସକାଳ ସମୟରେ ବନବିଭାଗର ଏନଫୋର୍ସମେ ସ୍କ୍ୱାର୍ଡ ଅତର୍କିତ ଚଢାଉ କରି ୪୮ ପିସ୍ ଶାଗୁଆନ କାଠ ଜବତ କରିଛି। ଏସିଏଫ୍ ଅଜୟ କୁମାର ସାହୁଙ୍କ ତ ୍ୱାବଧାନରେ ଚମ୍ପୁଆ ରେଞ୍ଜର ଘାସିରାମ ପାତ୍ର,ବଡବିଲ ରେଞ୍ଜର ମାନସ କୁମାର ମୁର୍ମୁ,ମୋବାଇଲ ଫରେଷ୍ଟର ଶଶୀଭୂଷଣ ବାରିକ,ବସନ୍ତ ମୁର୍ମୁଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ କିରିବୁର ସେଲ କଲୋନୀର ଗୌତମ ବାରିକଙ୍କ ଘରେ ଚଢାଉ କରିଥିଲେ। ଚଢାଉବେଳେ ୪୮ ପିସ୍ ଶାଗୁଆନ କାଠ ଜବତ କରାଯାଇଥିଲା, ଯାହାକି ୮ ସିଫ୍ଟ ହେବ ଏବଂ ଏହାର ଆନୁମାନିକ ମୂଲ୍ୟ ୨୫ହଜାର ଟଙ୍କା ହେବ ବୋଲି ଜଣାପଡିଛି।



# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍‌ବତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।''

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ଋଙ୍ଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ôକ୍ତଙ୍କକ୍ଟପ୍ତ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ

ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢଇବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି।




# ସନ୍ଥକବି ଭୀମଭୋଇ



ଏକ ସମୟରେ ମହିମା ବା ଅଲେଖ ଧର୍ମ ଓଡ଼ିଆ ସାହିତ୍ୟ ଓ ଧାର୍ମିକ ସାମାଜିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥିଲା। ସମାଜରେ ପ୍ରଚଳିତ ଜାତିଭେଦ, ପ୍ରତିମା ପୂଜା, ତେତିଶ କୋଟି ଦେବାଦେବୀଙ୍କ କଳ୍ପନା ଆରାଧନା ଓ ବାହ୍ୟ ଆଡ଼ମ୍ବରକୁ ଏହା ପ୍ରତ୍ୟାଖ୍ୟାନ କରିଥିଲା। ଏହି ଧର୍ମର ଅନ୍ୟତମ ମୁଖ୍ୟ ପୁରୋଧା ଥିଲେ ଗୃହୀ ଶିଷ୍ୟ ଭୀମ ଭୋଇ। ତାଙ୍କ ଅନୁଗାମୀମାନେ, ତାଙ୍କୁ ଅଯୋନିସଂଭୂତ ଭାବେ ଗ୍ରହଣ କରିଛନ୍ତି। ସେମାନଙ୍କ ଦୃଷ୍ଟିରେ ସେ ଭଗବାନଙ୍କ ଅବତାର ଏବଂ ଅଲେଖ ପୁତ୍ର। ସ୍ୱରଚିତ ସ୍ତୁତି ଚିନ୍ତାମଣିରେ ମଧ ସେ ଏହାର ସୂଚନା ଦେଇଛନ୍ତି ପିତା ଅଟନ୍ତି ମୋ ଅନାଦି ଠାକୁର, ମାତା ଆଦିଶକ୍ତି ନାରୀ, ଦୂତୀ ଯୁଗଳରୁ ଜନମ ଲଭିଛି, କବିକୃତ କଳା ଧରି। ପଞ୍ଚସଖା ଯୁଗର ପରମ ସାଧକ ଅଚ୍ୟୁତାନନ୍ଦ ଦାସ, ତାଙ୍କର ସଂହିତାମାନଙ୍କରେ ଲେଖିଛନ୍ତି, ରାଧା ମାନବ ରୂପ ଧାରଣ କରି କନ୍ଧ ଗୃହରେ ଜନ୍ମ ହେବେ। ଭୀମ ଭୋଇ ନିଜ ଇଛା ଅନୁସାରେ ନାରୀ ରୂପ ଧାରଣ କରିପାରୁଥିଲେ। ଏହା ଅଧ୍ୟାପକ ଶତ୍ରୁଘ୍ନ ନାଥଙ୍କ ସନ୍ଥକବି ଭୀମ ଭୋଇ ପୁସ୍ତକରେ ଉଲ୍ଲେଖିତ। ଥରେ ବାବା ଗଙ୍ଗାଧର ଦାସଙ୍କୁ ଜଙ୍ଗଲରେ ସେ ନାରୀ ରୂପ ଦେଖାଇଥିଲେ। ଅନାଦି ସଂହିତାରେ ଅଚ୍ୟୁତାନନ୍ଦ ଲେଖିଛନ୍ତି 'ଶୁଣଗୋ ସିଦ୍ଧଙ୍କ ବନିତା, ସେ ଭୀମସେନର କଥା। ପୂର୍ବେ ସେ ମହାଶୂନ୍ୟବାସୀ, ରାଧାଙ୍କ ଯେ ଅରୂପ ଅଂଶୀ'। ତାଙ୍କୁ ଏଭଳି ଚିତ୍ରଣ କରାଯାଇଥିବା ବେଳେ ସେ ଥିଲେ ଶ୍ରୀଜଗନ୍ନାଥ ଆରାଧନାର ତୀବ୍ର ବିରୋଧୀ। ପୁରୀରେ ଶ୍ରୀଜଗନ୍ନାଥ ପୂଜା ବନ୍ଦ କରିବା ପାଇଁ ଉଦ୍ୟମ କରିଥିଲେ। ମହିମା ଧର୍ମର ପ୍ରଚାର ପ୍ରସାରରେ ତାଙ୍କର ଭୂମିକା ଉଲ୍ଲେଖନୀୟ ଓ ପ୍ରାତଃ ସ୍ମରଣୀୟ। ତାଙ୍କ ଲେଖନୀ ମୁନରେ ସେ ଏହି ଧର୍ମ ବିଷୟରେ ଅନେକ କାଳଜୟୀ ରଚନା ସୃଷ୍ଟି କରିଛନ୍ତି। ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ କାହା ଠାରୁ ବିନ୍ଦୁର ସାହାଯ୍ୟ ବି ଚାହିଁ ନାହାଁନ୍ତି। ସରଳ, ନିଃସ୍ୱାର୍ଥପର ଓ ସମାଜ ସେବା ପାଇଁ ତାଙ୍କ ତମାମ ଜୀବନ ସମର୍ପିତ ଥିଲା। ଆଜିର ସମୟରେ ଭୀମଭୋଇଙ୍କ ପରି ସ୍ରଷ୍ଟା ଓ ଆଧ୍ୟାତ୍ମିକ ସାଧକ ଅତ୍ୟନ୍ତ ବିରଳ। ପ୍ରତିଟି ଶ୍ୱାସପ୍ରଶ୍ୱାସରେ ହିଁ ତାଙ୍କର ମହିମା ଚେତନାର ବାର୍ତ୍ତା ଓ ଭାବନା ରହିଥିଲା। ସେ ସମୟରେ ସେ ନିଜେ ଜଣେ ଗରିବ ହୋଇ ମଧ ଅନେକ ଅସହାୟ ଗରିବ ପରିବାର ପାଇଁ ସାହାଯ୍ୟର ହାତ ବଢ଼ାଇଥିଲେ। ତିଥି ଅନୁସାରେ ଭୀମ ଭୋଇ ବୈଶାଖ ପୂର୍ଣ୍ଣମୀରେ ତାରିଖ ଅନୁସାରେ (ମଇ ୧୦) ରେଢ଼ାଖୋଲର କଟାସିଙ୍ଗାରେ ଜନ୍ମ ହୋଇଥିବା ବିଶ୍ୱାସ କରାଯାଏ।

## ଆହ୍ୱାନ ପକ୍ଷରୁ ବିଶ୍ୱ ମାତୃଦିବସ ପାଳନ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଆହ୍ୱାନ' ପକ୍ଷରୁ ଉପ-ସଭାପତି ପାଣ୍ଡବ ଚରଣ ସାହୁଙ୍କ ଅଧକ୍ଷତାରେ ସନ୍ଧ୍ୟା ୬ ଘଟିକା ସମୟରେ ବିଶ୍ୱା ମାତୃଦିବସ ପାଳନ କରାଯାଇଥିଲା। ମା' ବିରଜା ଓ ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ରରେ ମୁଖ୍ୟ ଅତିଥି ପଣ୍ଡିତ ଭୂପତିଭୂଷଣ ମିଶ୍ର ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମାତୃ ଜାତି ଚିର ବନ୍ଦନୀୟା ଓ ମା' ମାନଙ୍କର ଋଣ କେହି କେବେ ସୁଝି ପାରିବେ ନାହିଁ ବୋଲି ଦୃଢ଼ତାର ସହ ପଣ୍ଡିତ ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ଅଧିକାରୀ ନବକିଶୋର ଦାସ ଯୋଗାଦେଇ ସତ୍ୟ, ଦ୍ୱାପର, ତ୍ରେତୟା ଏବଂ କଳିଯୁଗରେ ବିଶ୍ୱବିଦିତ ମହିୟସୀ ନାରୀ ମାନଙ୍କର ଉପାଖ୍ୟାନ ବର୍ଣ୍ଣନା କରିଥିଲେ। ମୁଖ୍ୟ ଉପଦେଷ୍ଟା ହୃଷୀକେଶ ପତି ଏବଂ ଉପଦେଷ୍ଟା ତପନ କୁମାର ମହାରଣ୍ୟ ଶର୍ମା ଓ ମନୋଜା ରାୟ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାତୃଦିବସ ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଦମୟନ୍ତୀ ସାହୁ, ସରସ୍ୱତୀ ପୃଷ୍ଟି ଏବଂ ଶାନ୍ତିଲତା ସାହୁ ପ୍ରମୁଖ ପୂଜା କରାଯିବା ସହ ସେମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସଂବର୍ଦ୍ଧିତ କରାଯାଇଥିଲା। ସଂପାଦକ ବିଶ୍ୱଜିତ ସାହୁ ସଂପାଦକୀୟ ବିବରଣୀ ଅତିଥି ପରିଚୟ ଏବଂ ସଂଗୀତ ଗାନ କରିଥିଲେ। ଏହି ଉତ୍ସବରେ ରଶ୍ମିକାନ୍ତ ପରିଡ଼ା ଓ ରଂଜିତା ପରିଡ଼ା ନୂତନ ଭାବେ ଆହ୍ୱାନରେ ଯୋଗଦେଇ ଶୁଭକାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରଞ୍ଜୁଶହା, ସୌମ୍ୟଜିତ ସାହୁ, ଜୟଦେବ ରାଉତ, ବୈଜୟନ୍ତୀ ବେହେର, ମହେଶ ମହାନ୍ତି, ସସ୍ମିତା ସାହୁ, ଶୁଭ୍ରଜିତ ସାହୁ, ରାଜେନ୍ଦ୍ର ସାହୁ ଓ ସାଇ ଓମ୍ ପ୍ରକାଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସହ ସଂପାଦକ ଅକ୍ଷୟ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

## ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ

ଖୋର୍ଦ୍ଧା (ପିଏନ୍)-ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ ହୋଇଯାଇଛି। ଫିଲିମରେ ତିନୋଟି ଗୀତ ରହିଥିବା ବେଳେ ଏଥିରେ ଡ଼କ୍ଟର ନିର୍ମଳ ନାୟକ ଓ ଅଭିଜିତ୍ ମଜୁମଦାରଙ୍କ ଜୋଡ଼ି ପୁଣି ଥରେ ଦେଖିବାକୁ ମିଳିବ। ଯେଉଁଥିରେ ଭାଉଜ ଓ ଭାଉଜ ଗୀତଟି ମାର୍କେଟରେ ଚହଳ ସୃଷ୍ଟି କରିବ ବୋଲି ଜୀ ସାର୍ଥକ ଆଶା ପ୍ରକଟ କରିଛି। ଏହି ଗୀତକୁ ନିଜେ ପପୁ ପମ୍‌ପମ୍ ଗାଇଥିବା ବେଳେ ତାଙ୍କ ସହ ଗାଇଛନ୍ତି ସ୍ମୃତି ସେହିପରି ଏକ ଦୋ ତିନି ଚାର, ଚାରିଆଡ଼େ ଦିଶୁଛି ମୋ ପ୍ୟାର। ଗୀତକୁ ଗାଇଛନ୍ତି ଅଭିଜିଦ ମଜୁମଦାର ଓ ସଂଜୁ। ଛାଡ଼ରେ ସାଙ୍ଗ ଗନ୍ଧିଆ କଥା ଗୀତକୁ ଈଶ୍ୱରୀ ଗାଇଛନ୍ତି। ସମସ୍ତ ଗୀତକୁ ଡ଼କ୍ଟର ନିର୍ମଳ ନାୟକ ଲେଖିଥିବା ବେଳେ ସଂଗୀତରେ ସଜାଇଛନ୍ତି ଅଭିଜିତ୍ ମଜୁମଦାର ସବୁତକ ଗୀତ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ପୁରାଟିମ୍ ଆଶାବାଦୀ। ଆସନ୍ତା ୧୫ ତାରିଖ ସନ୍ଧ୍ୟା ୬ଟା ୩୦ମି.ରେ ଏହି ମୁଭିଟି ଜୀସାର୍ଥକରେ ରିଲିଜ ହେବ। କିନ୍ତୁ ତା ପୂର୍ବରୁ ଅଡ଼ିଓ ରିଲିଜ୍ କରିବାର ପରମ୍ପରା ଆରମ୍ଭ କରିଛି ଜୀ ସାର୍ଥକ। ଓଲିଉଡ଼ରେ ନୂଆ ମାଇଲ ଷ୍ଟୋନ ତିଆରି କରିପାରିଛି। ଜୀ ସାର୍ଥକ ଫିଲିମ୍ ଓ ଲିପ୍ସା ପ୍ରଡ଼କ୍ସନ ବ୍ୟାନରରେ ନିର୍ମାଣ ହେଉଛି ନୂଆ ସିନେମା ଡ଼ିଟେକ୍ଟିଭ୍ କରନ ଅର୍ଜୁନ ଏହି ଚଳଚିତ୍ରରେ ନୂଆ ଅବତାରରେ କମେଡ଼ି କିଂ ପପୁ ପମ୍‌ପମ୍‌କୁ ଦେଖିବାକୁ ମିଳିବ। ତାଙ୍କ ସହ ପ୍ରଜ୍ଞା ଖଟୁଆଙ୍କ ଦମ୍‌ଦାର ଅଭିନୟର ମଜା ପାଇବେ ଦର୍ଶକ। ଉଭୟ ପପୁ ଓ ପ୍ରଜ୍ଞା କରନ ଅର୍ଜୁନ ଭୂମିକାରେ ଅଭିନୟ କରୁଛନ୍ତି। ସେହିପରି ନାୟିକା ସାଜିଛନ୍ତି ଅଭିନେତ୍ରୀ ପ୍ରୀୟଙ୍କା ମହାନ୍ତି, ପ୍ରିୟଙ୍କା ମହାପାତ୍ର ଓ ଲିପସା ମିଶ୍ର ଅନ୍ୟମାନଙ୍କ ମଧ୍ୟରେ ଟୁକୁନା, ପ୍ରଜ୍ଞା ମହାନ୍ତି, ଜୀବନ ପଣ୍ଡା, କୁନା ତ୍ରୀପାଠୀ, ହାଡ୍ଡୁ, ଅରବିନ୍ଦ ଷଡଙ୍ଗୀ, ରାଜିବ, କାଳୀ, ମନୋଜ, ସୁଶା, ଦିଗ୍‌ବିଜୟ, ସୁମିତ ଓ ସଂଗ୍ରାମ ପ୍ରମୁଖ ଅଭିନୟ କରିଛନ୍ତି। ପପୁ ପମ୍‌ପମ୍ ନିଜେ ସିନେମାର କାହାଣୀ ଲେଖିଥିବା ବେଳେ ଅଶ୍ୱିନି ଗଡ଼ନାୟକ ନିର୍ଦ୍ଦେଶନା ଦେଇଛନ୍ତି। ଏହାର ସଂଳାପ ଲେଖିଛନ୍ତି ଟୁକୁନା। ଚଳଚିତ୍ରର କାହାଣୀ ସହ ସଂଗୀତ ମଧ ଲୋକାଦୃତ ହୋଇପାରିବ ବୋଲି ଜୀ ସାର୍ଥକ ପକ୍ଷରୁ ଆଶା ପ୍ରକଟ କରାଯାଇଛି।

# ମା' ରାମଚଣ୍ଡୀଙ୍କ ପୀଠରେ ହାଣ୍ଡିଭଙ୍ଗା ଯାତ

ପ୍ରାଚୀନ ଅର୍କକ୍ଷେତ୍ରର ରକ୍ଷାକର୍ତ୍ତ୍ରୀ ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ମା' ରାମଚଣ୍ଡୀ ହେଉଛନ୍ତି ଶ୍ରେଷ୍ଠ ତଥା ଅଧିଷ୍ଠାତ୍ରୀ ଦେବୀ । ମା' ରାମଚଣ୍ଡୀଙ୍କ ଅବସ୍ଥିତି ଓ ମାହାତ୍ମ୍ୟ ସଂପର୍କରେ ମାଦଳା ପାଞ୍ଜି, ସାରଳା ମହାଭାରତ, ପ୍ରାଚୀ ମାହାତ୍ମ୍ୟ, ପୁରୁଷୋତ୍ତମ ମାହାତ୍ମ୍ୟ, ତଥା ବିଭିନ୍ନ ଐତିହାସିକ ବିବରଣୀରୁ ସୂଚନା ମିଳେ । ଏତଦ୍‌ବ୍ୟତିତ ଲୋକମୁଖରେ ମା'ଙ୍କ ସଂପର୍କରେ ଅନେକ କିମ୍ବଦନ୍ତୀ ମଧ ଶୁଣିବାକୁ ମିଳେ । ମା'ଙ୍କ ପୀଠରେ ବର୍ଷତମାମ ପାଳନ କରାଯାଉଥିବା ବିଭିନ୍ନ ପର୍ବପର୍ବାଣୀଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ଓ ନିଆରା ପର୍ବ ହେଉଛି ହାଣ୍ଡିଭଙ୍ଗା ଯାତ। ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ଏହି ପର୍ବ ପାଳନ କରାଯାଇଥାଏ । ଏହା ଓଡ଼ିଆଣୀ କୁଳବଧୂମାନଙ୍କର ଏକ ନିଆରା ପର୍ବ । କାହିଁ କେଉଁ କାଳରୁ ପୁରୁଷାନୁକ୍ରମେ ଖାଲକଟାପାଟଣା ଓ ଟିକନା ଗ୍ରାମର କୁଳବଧୂମାନେ ନିଜ ପରିବାରର ଶୁଭ ମନାସି ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତକୁ ମହାଆଡ଼ମ୍ବରରେ ପାଳନ କରିଥାନ୍ତି । ଘଞ୍ଚ ଜଙ୍ଗଲ ଓ ସମୁଦ୍ରକୂଳରେ ଏହି ଦୁଇଟି ଗ୍ରାମର ଅବସ୍ଥିତି ଥିବାରୁ ଜଙ୍ଗଲି ଜୀବଜନ୍ତୁଙ୍କ ଆକ୍ରମଣ ଓ ସମୁଦ୍ର ମାଡ଼ି ନ ଆସିବା ପାଇଁ ଗ୍ରାମର କୂଳବଧୂମାନେ ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗାଯାତକୁ





ପୁରୁଷାନୁକ୍ରମେ ପାଳନ କରି ଆଶୁଛନ୍ତି ।

ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ମା'ଙ୍କ ପୀଠରେ ଏହି ନିଆରା ପର୍ବ ହାଣ୍ଡିଭଙ୍ଗା ଯାତ ଧୁମଧାମରେ ପାଳିତ ହୋଇଥାଏ । ମା'ଙ୍କ ପୀଠ ସଂଲଗ୍ନ ଟିକନା ଓ ଖାଲକଟାପାଟଣା ଗ୍ରାମର କୁଳବଧୂମାନେ ଏହି ପବିତ୍ର ଦିନରେ ଉପବାସ ବ୍ରତ ପାଳନ କରି ଏକତ୍ର ହୁଳହୁଳି ପକାଇ ଗ୍ରାମରୁ ବାହାରିଥାନ୍ତି । ମା' ରାମଚଣ୍ଡୀଙ୍କ ନିମନ୍ତେ କୁଳବଧୂମାନେ ଗାଧୁଆ ସଜ ଧରି ପବିତ୍ର ପୀଠରେ ପହଞ୍ଚିବା ପରେ ମା'ଙ୍କ ପୂଜକ ଗାଧୁଆ ନୀତି



ସମ୍ପନ୍ନ କରିଥାନ୍ତି । ପ୍ରତ୍ୟେକ ମହିଳା ପରିଧାନ କରିଥିବା ନୂଆ ଲୁଗା କାନିରେ ବାନ୍ଧି ଆଣିଥାନ୍ତି ହାଣ୍ଡିରନ୍ଧା ସାମଗ୍ରୀ । ମା'ଙ୍କ ମନ୍ଦିର ବେଢ଼ାର ପଶ୍ଚିମ ପାର୍ଶ୍ୱରେ ଥିବା ହାଣ୍ଡିରନ୍ଧା ଚୁଲାରେ ସମୂହ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ ହୋଇଥାଏ। ମନ୍ଦିରର ପୂଜକ ଓ ମାଳି ମା'ଙ୍କ ରୋଷଘର ଚୁଲାରୁ ଅଗ୍ନୀ ଆଣି ପ୍ରତ୍ୟେକ ମହିଳାଙ୍କ ଚୁଲିରେ ଅଗ୍ନୀ ସଂଯୋଗ କରିବା ସହିତ ଖୀରିକୋଳି ଡାଙ୍ଗରେ ପ୍ରସ୍ତୁତ ଚଟୁ ଯୋଗାଇ ଦେବାପରେ ମହିଳାମାନେ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ କରିଥାନ୍ତି । ମହିଳାମାନେ ଘରୁ ଆଣିଥିବା ଅରୁଆଚାଉଳ, ମୁଗ, ଚିନି, ଘିଅ ଓ ପରିବାକୁ ମିଶାଇ ନୂଆ ମାଟିହାଣ୍ଡିରେ ଖେଚୁଡ଼ି ପ୍ରସ୍ତୁତ କରିଥାନ୍ତି । ଏହି ସମୟରେ ମା'ଙ୍କ ରୋଷେଇଘରେ ପୂଜକ ମଧ ନୂଆ ମାଟିହାଣ୍ଡିରେ ଅନୁରୂପଭାବେ ଖେଚୁଡ଼ି ପ୍ରସ୍ତୁତ କରିବାପରେ ମା'ଙ୍କ ନିକଟରେ ଭୋଗ ଲଗାଇଥାନ୍ତି । ଏହାପରେ ହାଣ୍ଡିରନ୍ଧା ଖେଚୁଡ଼ିକୁ ପୂଜକ ଓ ମହିଳାମାନେ କଦଳୀ ପତ୍ରରେ ବାଢ଼ିଥାନ୍ତି । ଖେଚୁଡ଼ିର ସିଂହଭାଗ ଅଂଶକୁ ଦୁଇଟି ବାଟୁଳା କରି ବାଘ ଓ ବାଘୁଣୀଙ୍କ ନିମନ୍ତେ ହାଣ୍ଡିରେ ରଖିବା ପରେ ଅବଶିଷ୍ଟ ଖେଚୁଡ଼ିକୁ ସେବନ କରି ବଳକା ଖେଚୁଡ଼ି ହାଣ୍ଡିକୁ ଧରି ପୂଜକ ହାଣ୍ଡିଭଙ୍ଗା ବନ୍ତ ଅଭିମୁଖେ ଆଗେ ଆଗେ ଯିବା ବେଳେ ମହିଳାମାନେ ନିଜ ନିଜ ହାଣ୍ଡିକୁ ଧରି ନୀରବତା ଅବଲମ୍ବନ କରି ତାଙ୍କୁ ଅନୁସରଣ କରିଥାନ୍ତି । ମା'ଙ୍କ ମନ୍ଦିରର ପଶ୍ଚିମ-ଉତ୍ତର କୋଣର ୨୦୦ମିଟର ଦୂରରେ ଥିବା ହାଣ୍ଡିଭଙ୍ଗା ବନ୍ତରେ ପହଞ୍ଚି



ଏହି ବନ୍ତକୁ ସାତଥର ପ୍ରଦିକ୍ଷଣ କରିବା ପରେ ବନ୍ତ ଚୂଡ଼ାରେ ଥିବା ଶିଳା ଉପରେ ହାଣ୍ଡିକୁ କଚାଡ଼ି ଭାଙ୍ଗିଥାନ୍ତି । ଏହାପରେ ମହିଳାମାନେ ଏକମୁହାଁ ହୋଇ ୩୦୦ ମିଟର ଦୂରରେ ଥିବା ହାତଧୁଆ ଝରଣାରେ ହାତ ଧୋଇ



ଗ୍ରାମଦେବତୀ ଖାଲକୋଠୀଙ୍କୁ ମୁଣ୍ଡିଆମାରୀ ଘରକୁ ଫେରିଥାନ୍ତି । ଯେଉଁ ମହିଳାଙ୍କ ହାଣ୍ଡିର ମୁଣ୍ଡୁଳି ଭାଙ୍ଗିନଥାଏ ସଂପୃକ୍ତ ମହିଳା ନିଜ ପରିବାରରେ କୌଣସି ଅମଙ୍ଗଳ ନ ହେବା ପାଇଁ ରିଷ୍ଟ ଖଣ୍ଡନ ଉଦ୍ଦେଶ୍ୟରେ ଶୁକ୍ରବାର ପ୍ରତ୍ୟୁଷରେ ମା'ଙ୍କ ପାଖରେ ଗୁହାରିଆ ପଡ଼ିବାର ବିଧି ରହିଛି ।

ଏହି ଅବସରରେ ବିଶ୍ୱ ଶାନ୍ତି ନିମନ୍ତେ ମା'ଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତର ଦୁଇଦିନ ପୂର୍ବରୁ ତ୍ରିଦିବସୀୟ ଚଣ୍ଡୀମହାଯଜ୍ଞ ଆୟୋଜିତ ହୋଇଥାଏ । ହାଣ୍ଡିଭଙ୍ଗା ଯାତ ଦିନ ପ୍ରତ୍ୟୁଷରେ ମା' ରାମଚଣ୍ଡୀଙ୍କୁ ମହାଲକ୍ଷ୍ମୀ ବେଶରେ ସଜାଯାଇ ପୂଜାର୍ଚ୍ଚନା କରାଯାଇଥାଏ । ସକାଳ ମଙ୍ଗଳ ଆଳତି ଓ ରାତିରେ ବଡ଼ସିଂହାର ଧୂପ ଆଳତିକୁ ମିଶାଇ ମାଆଙ୍କ ନିକଟରେ ମୋଟ ୫ ଥର ଆଳତି କରାଯାଇଥାଏ । ମା'ରାମଚଣ୍ଡୀଙ୍କର ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଦିନତମାମ ଲାଗିରହିଥାଏ । ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଭା ଅନୁଷ୍ଠିତ ହୋଇଥାଏ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ବିଭାଗ ସହାୟତାରେ ମା' ରାମଚଣ୍ଡୀ ଉନ୍ନୟନ କମିଟି, ମା' ରାମଚଣ୍ଡୀ ବଜାର କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥାନ୍ତି ।

ଏଠାରେ ସୂଚନା ଥାଉକି ୨୦୧୯ ମସିହାରେ ସାମଦ୍ରିକ ଝଡ ଫନି ଓ ୨୦୨୦ ଏବଂ ୨୦୨୧ ମସିହାରେ ମହାମାରୀ କରୋନା ପାଇଁ ମା'ଙ୍କ ପୀଠରେ ଜାକଜମକରେ ପାଳନ ହୋଇପାରି ନଥିଲା ହଣ୍ଡିଭଙ୍ଗା ଯାତ । କେବଳ ପରମ୍ପରା ରକ୍ଷା କରାଯାଇଥିଲା । ଚଳିତ



ବର୍ଷ ୧୦ତାରିଖରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ବିଶ୍ୱ ଶାନ୍ତି ମହାଯଜ୍ଞ ବୈଶାଖ ମାସ ଶେଷ ଗୁରୁବାର ୧୨ତାରିଖରେ ଉଦଯାପିତ ହେବ । ଏହି ଅବସରରେ ୧୦ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ୧୦ ତାରିଖ ଚଣ୍ଡୀ ମହାଯଜ୍ଞ ଓ ସନ୍ଧ୍ୟା ୬ଟାରେ ଖାଲକଟାପାଟଣା ଗ୍ରାମର ମା' ଜାଗେଶ୍ୱରୀ ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯିବ । ୧୧ ତାରିଖ ସନ୍ଧ୍ୟା ୬ଟାରେ କଟକ ବାଦାମବାଡିର ମା' ସାରଳା ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ ଏବଂ ରାତ୍ର ୧୦ଟାରେ ନୟାଗଡ ବୁଢ଼ିଆଳିର ରଘୁନାଥ ଜିୟୁ ରାମନାଚ ସଂସଦ ପକ୍ଷରୁ ଲବକୁଶ ଜନ୍ମ



ପରିବେଷଣ କରାଯିବ। ୧୨ ତାରିଖ ଗୁରୁବାର ମା' ରାମଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତ, ଚଣ୍ଡୀ ମହାଯଜ୍ଞର ପୂର୍ଣ୍ଣାହୁତି, ସନ୍ଧ୍ୟା ୬ଘଟିକା ମା' ଖଣ୍ଡୁଆଳି ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ, ସନ୍ଧ୍ୟା ୭ଟାରେ ଓଡିଶୀ ସଂକୀର୍ତ୍ତନ ପରିବେଷଣ, ରାତ୍ର ୮ଟାରେ ସାଧାରଣ ସଭା ଓ ରାତ୍ର ୯ଟାରେ



ନୟାଗଡ ପୁଆଣିଆର ମା' ବ୍ରହ୍ମଣ ଦେବୀ ରାମନାଚ ସଂସଦ ପକ୍ଷରୁ ଲକ୍ଷ୍ମଣ ଶକ୍ତି ଭେଦ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ସୁବାସ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ବେହେରା, ଲୋକନାଥ ନାୟକ, ନରେନ୍ଦ୍ର ପରିଡା, ଚନ୍ଦ୍ରନ ବେହେରା, ଅନିଲ ନାୟକ, ସଦାଶିବ



ନାୟକ, ରବିନ୍ଦ୍ର ଦାସ, ସନାତନ ବେହେରା, ପ୍ରକାଶ ବେହେରା, ରାମଚନ୍ଦ୍ର ନାୟକ, ସନାତନ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG.,
Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତ୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠିରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ, ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି, କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# ଡଃ.ଶ୍ରୀଧର ସାମଲଙ୍କ କବିତା ସଙ୍କଳନ ପୁସ୍ତକ ନିଃଶବ୍ଦ ଆଳାପ ଲୋକାର୍ପିତ

କେନ୍ଦ୍ରାପଡା,(ପିଏନ)- କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡଃ.ଶ୍ରୀଧର ସାମଲଙ୍କ ଦ୍ୱାରା ରଚିତ ପୁସ୍ତକ "ନିଃଶବ୍ଦ ଆଳାପ"କୁ ଶୁକ୍ରବାର ସ୍ଥାନୀୟ ଭାରତୀ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ଉତ୍ସବରେ ଲୋକାର୍ପଣ କରାଯାଇଛି । ଏହି ଉପଲକ୍ଷେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମୋହନ ଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭୂବନେଶ୍ୱରର ବନଫୁଲ ପ୍ରକାଶନୀ ଦ୍ୱାରା ପ୍ରକାଶିତ ପୁସ୍ତକ ଲୋକାର୍ପଣ ଉତ୍ସବରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଡଃ.ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା, ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ସରୋଜ କୁମାର ମହାନ୍ତି, ସାହିତ୍ୟିକ ଡଃ.ବାସୁଦେବ ଦାସ, ପ୍ରାଧ୍ୟାପକ ତପନ କୁମାର ପତି ପ୍ରମୁଖ ଯୋଗଦେଇ କବି ଡଃ.ସାମଲଙ୍କ ରଚିତ କବିତା ସଙ୍କଳନ ପୁସ୍ତକ "ନିଃଶବ୍ଦ ଆଳାପ"କୁ ଲୋକାର୍ପିତ କରିଥିଲେ । ପୁସ୍ତକ ରଚୟିତା ଡଃ.ସାମଲ ଏକାଧାରରେ ଜଣେ କବି, ପ୍ରାବନ୍ଧିକ,ସୁବକ୍ତା ଓ ପ୍ରକୃତିପ୍ରିୟ ମଣିଷ । ବିଶ୍ୱ ବିଖ୍ୟାତ ପର୍ଯ୍ୟଟନକ୍ଷେତ୍ର ଭିତରକନିକା ଉପରେ ନିବନ୍ଧ ରଚନା କରିବା ସହ ଆକାଶବାଣୀ,କଟକ କେନ୍ଦ୍ରରେ ସୁବକ୍ତା ଭାବରେ ତାଙ୍କର ଉପଲବ୍ଧି ସବୁଠି ରହିଛି । ତାଙ୍କର ଅନେକ ନିବନ୍ଧ ଜାତୀୟ ଓ ଅନ୍ତର୍ଯ୍ୟାତୀୟ ପତ୍ରପତ୍ରିକାରେ ପ୍ରକାଶ ପାଇ ବିପୁଳ ପାଉଠକୀୟତା ଅର୍ଜନ କରିଛି । ଡଃ.ସାମଲ ଅଧୁନା କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଭୁଗୋଳ ବିଭାଗର ପ୍ରାଧ୍ୟାପକ ତଥା ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟରତ ଓ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ(ଇଗ୍ନୋ), ନୂଆଦିଲ୍ଲୀର ସଂଯୋଜକ ଏବଂ ଓଡିଶା ସରକାରଙ୍କ ବାଳିକା ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଅଛନ୍ତି । ତାଙ୍କର ଏହି ଭିନ୍ନ ସ୍ୱାଦର କବିତା ସଙ୍କଳନଟି ପାଠକ ମହଲରେ ବିଶେଷ ଆଦୃତ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା, ମାର୍ଶାଘାଇ ମହାବିଦ୍ୟାଳୟର ଅଧକ୍ଷ ଡଃ. ଅମୀୟ ଜେନା, ପ୍ରାଧାପକ ଜତୀନ୍ଦ୍ର କୁମାର ରାଉତ, ତ୍ରିଲୋଚନ ପ୍ରଧାନ, କବି ପ୍ରେମାନନ୍ଦ ଖଣ୍ଡୁଆଳ, ବୃନ୍ଦାବନ ଦାସ, ନଳିନୀ ବେହେରା, କ୍ରୀଡା ଶିକ୍ଷକ ଜ୍ୟୋତିର୍ମୟ ଦାସ ପ୍ରମୁଖ ବହୁ ସାହିତ୍ୟପ୍ରେମୀ ଓ ବିଶିଷ୍ଟବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

## ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ ।

## ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତ୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧାପକ ଓ ଅଧାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧାପକ, ଅଧାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧାପକ ଓ ଅଧାପିକାମାନଙ୍କ ଅଭିଯୋଗ ଆଧାରରେ ଅଧକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଲୁ କରିଛନ୍ତି ମହାବିଦ୍ୟାଳୟର ଅଧକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧାପକ, ଅଧାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/ ୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧାପକ, ଅଧାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧାପକ, ଅଧାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣ ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧାପକ, ଅଧାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧକ୍ଷ ଓ ଅଧାପକମାନଙ୍କ ମଧରୁ ବଳି ପଡ଼ିବ କିଏ । ଏହି ବିବାଦ ମଧରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି, ତାହା କେବଳ ପରବର୍ତି ସମୟ ହିଁ କହିବ ।


2025-2026



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2025

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ ପର୍ଯ୍ୟବେକ୍ଷକ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
Bhubaneswar Tuesday May 6 ଭୁବନେଶ୍ୱର ମଙ୍ଗଳବାର, ୬, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ବିନ୍ଦୁ ସାହିତ୍ୟ ସମାଜର ବାର୍ଷିକୋତ୍ସବ ପାଳନ



ଭୁବନେଶ୍ୱର,(ପି.ଏନ): ବିନ୍ଦୁ ସାହିତ୍ୟ ସମାଜ, ଭୁବନେଶ୍ୱର ତରଫରୁ ଦଶମ ବାର୍ଷିକୋତ୍ସବ ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀ ସଭାକକ୍ଷଠାରେ ତା୦୪/୦୫/୨୦୨୫ରିଖ ଦିନ ପାଳନ କରାଯାଇଅଛି । ପ୍ରଫେସର ନିତ୍ୟାନନ୍ଦ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ସାହିତ୍ୟିକ ପ୍ରଫେସର ଡ଼କ୍ଟର ବୈଷ୍ଣବ ଚରଣ ସାମଲ, ସମ୍ମାନୀତ ଅତିଥି ଭାବେ ଦୈନିକ ନିତିଦିନର ସଂପାଦକ, ମନୋଜ କୁମାର ମହାପାତ୍ର ଯୋଗ ଦେଇ ଓଡିଆ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ପ୍ରଫେସର ସାମଲ ଅବକ୍ଷୟମୁଖୀ ଆମ ଭାଷାର ସୁରକ୍ଷା ପାଇଁ ଯୁବ କବି ଓ ଲେଖକ ମାନେ ଆଗେଇ ଆସନ୍ତୁ ବୋଲି କହିଥିଲେ । ସମ୍ମାନିତ ଅତିଥି, ଶ୍ରୀଯୁକ୍ତ ମହାପାତ୍ର ତାଙ୍କ ଅଭିଭାଷଣରେ ଓଡିଆ ଭାଷା ସାହିତ୍ୟର ଉନ୍ନତି ପାଇଁ ବିନ୍ଦୁ ସାହାତ୍ୟ ସମାଜର ଉଦ୍ୟମକୁ ପ୍ରଶଂସା କରିଥିଲେ । ଇତ୍ୟବସରରେ ୨୦୨୪-୨୦୨୫ ପାଇଁ 'ବିନ୍ଦୁ ସାହିତ୍ୟ ସମ୍ମାନ', ଲବ୍ଧ ପ୍ରତିଷ୍ଠିତ କବି ଶ୍ରୀ ବାଦଲ କୁମାର ମହାନ୍ତିଙ୍କୁ ପ୍ରଦାନ କରାଯାଇଥିଲା । ସମ୍ବର୍ଦ୍ଧନାର ଉ ରରେ ଶ୍ରୀ ମହାନ୍ତି ବିନ୍ଦୁ ସାହିତ୍ୟ ସମାଜ ପାଖରେ ନିଜର କୃତଜ୍ଞତା ପ୍ରକାଶ କରିଥିଲେ । ଏହାପରେ 'ବିନ୍ଦୁ ପ୍ରତିଭା ସମ୍ମାନ ୨୦୨୪-୨୦୨୫', ଦେବବ୍ରତ ଜେନା, ଆଶୁତୋଷ ମେହେର, ସୁରଞ୍ଜନ ପାତ୍ର ଏବଂ ଅନୁରାଧା ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା ।ସାହିତ୍ୟିକ ପୂର୍ଣ୍ଣାନନ୍ଦ ମହାନ୍ତି, ଓ ସୁସାହିତ୍ୟିକା ସ୍ୱପ୍ନା ବେହେରାଙ୍କ ସଂଚାଳନାରେ ଅନୁଷ୍ଠିତ ଉକ୍ତ ଉତ୍ସବ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ଆରମ୍ଭ କରାଯାଇଥିଲା ।ଉକ୍ତ ଉତ୍ସବରେ ବିନ୍ଦୁ ସାହିତ୍ୟ ସମାଜର ମୁଖପତ୍ର 'ବିନ୍ଦୁ'କୁ ଅତିଥି ମାନେ ଉନ୍ମୋଚନ କରିଥିଲେ । ଅଧକ୍ଷ ପ୍ରଫେସର ନିତ୍ୟାନନ୍ଦ ମିଶ୍ର ତାଙ୍କ ଆଦ୍ୟ ଭାଷଣରେ ବିନ୍ଦୁ ସାହିତ୍ୟ ସମାଜର ଗଠନ ଓ ଏହାର ଆଭିମୂଖ୍ୟ ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରାଇଥିଲେ । ସଭାପତି ବାଉରି ବନ୍ଧୁ ଲେଙ୍କା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଅତିଥି ପରିଚୟ ପ୍ରଦାନ କରିଥିଲେ, କାର୍ଯ୍ୟକାରୀ ସଭାପତି ଡଃ ଶଶୀ ଭୂଷଣ ମହାପାତ୍ର । ଅରୁଣ କୁମାର ବିଶ୍ୱାଳ ତାଙ୍କ ସମ୍ପାଦକୀୟ ବିବରଣୀରେ ବିନ୍ଦୁର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ସଂପାଦକ ବିଜନ ରାୟ । ପରେ କବୀ ସୁଷମା ପରିଜା, ଅମ୍ବିକା ସ୍ୱାଇଁ, ଗୀତା ପଟ୍ଟନାୟକ, ପୂର୍ଣ୍ଣାନନ୍ଦ ମହାନ୍ତ, ଓ ଭାରତୀ ପରିଡ଼ାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ କବି ବିଜୟ କୁମାର ମହାପାତ୍ର, ବାଉରିବନ୍ଧୁ ଲେଙ୍କା, ଶଶୀ ଭୂଷଣ ମହାପାତ୍ର, ଅମ୍ବିକା ସ୍ୱାଇଁ, ବିପ୍ଳବ, ହୀରକ ମିଶ୍ର, ସୁରଞ୍ଜନ ପାତ୍ର, ସୁଜାତା ରାଉତରାୟ, ଅରୁଣ କୁମାର ବିଶ୍ୱାଳ, ସ୍ୱପ୍ନା ବେହେରା, ସୁଷମା ପରିଜା, ପ୍ରଦୀପ କୁମାର ସାହୁ, ଅନୁରାଧା ମିଶ୍ର, ରବିନାରାୟଣ ପତି, ସମୀର କୁମାର ଜେନ, ବିଜନ ରାୟ, ଅରୁଣା କର, କବୀ ଇତିଶ୍ରୀ ଆଦି ଶତାଧିକ କବି/କବୟତ୍ରୀ କବିତା ପାଠ କରିଥିଲେ ।

## ଘରୋଇ ଜୀବନ ବୀମା ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଛି ଅଭିଭା ଲାଇଫ ଇନ୍ସୁରାନ୍ସ

ଭୁବନେଶ୍ୱର,(ପି.ଏନ): ଅଭିଭା ଲାଇଫ ଇନ୍ସୁରାନ୍ସ , ଟିଆର୍‌ଏର ବ୍ରାଣ୍ଡ ଟ୍ରଷ୍ଟ ରିପୋର୍ଟ ୨୦୨୫ରେ କ୍ରମାଗତ ଭାବେ ୭ ବର୍ଷ ପାଇଁ ଇଣ୍ଡିଆଜ ମୋଷ୍ଟ ଟ୍ରଷ୍ଟେଡ ପ୍ରାଇଭେଟ ଲାଇଫ ଇାନ୍ସ୍ୟୋରାନ୍ସ ବ୍ରାଣ୍ଡ ଭାବେ ସ୍ୱୀକୃତି ହାସଲ କରିଛି । ଘରୋଇ ଜୀବନ ବୀମା କ୍ଷେତ୍ରରେ ନିଜର ନେତୃତ୍ୱ ଆହୁରି ସୁଦୃଢ କରି ଅଭିଭା ଇଣ୍ଡିଆ ୨୦୨୩-୨୪ ଆର୍ଥିକ ବର୍ଷରେ ୩୦ ଦିନ ମଧ୍ୟରେ ୧୦୦% ଦାବି ସମାଧାନ ସହିତ ସର୍ବୋତମ ଦାବି ସମାଧାନ ସମୟ ମାନ୍ୟତା ହାସଲ କରିଛି । ଅଭିଭା ଲାଇଫ ଇନ୍ସୁରାନ୍ସର ମୁଖ୍ୟ ମାର୍କେଟିଂ ଅଧିକାରୀ ଶ୍ରୀଯୁକ୍ତ ବିନିତ କପାଥି କୃତଜ୍ଞତା ବ୍ୟକ୍ତ କରି କହିଛନ୍ତି, 'ଆମର ପ୍ରତିଶ୍ରୁତିବଦ୍ଧତା ପାରମ୍ପରିକ ସୁରକ୍ଷାଠାରୁ ଆଗକୁ ବିସ୍ତାର ହୋଇଛି, କାରଣ ଆମେ ପ୍ରତିରୋଧ, ସ୍ୱାସ୍ଥ୍ୟ ଓ ସାମଗ୍ରିକ ସୁସ୍ଥତା ଦିଗରେ ଧ୍ୟାନ ଆକର୍ଷିତ କରି ଜୀବନ ବୀମାକୁ ନୂଆ ରୂପ ଦେବା ପାଇଁ ଲକ୍ଷ୍ୟ ରଖିଛୁ ।

# ଭ୍ରାମ୍ୟମାଣ ଜଳଛତ୍ର ସେବା ଉଦ୍‌ଘାଟିତ



ଭୁବନେଶ୍ୱର,(ପି.ଏନ): ଶ୍ରୀ ଶିରିଡି ସାଇ ଟ୍ରଷ୍ଟ ପକ୍ଷରୁ ଭ୍ରାମ୍ୟମାଣ ଜଳଛତ୍ର ସେବା ପଟିଆ ସ୍ଥିତ ଶିରିଡି ସାଇ ଛକ ଠାରେ ଉଦ୍‌ଘାଟିତ ହୋଇଯାଇଛି । ଟ୍ରଷ୍ଟର ଅଧକ୍ଷ ତଥା ୧ ନମ୍ବର ୱାର୍ଡର କର୍ପୋରେଟର ମିହିର କୁମାର ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉ ର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ଓ ୬ ନଂ ୱାର୍ଡର କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ ଯୋଗଦେଇ ଉଦ୍‌ଘାଟନ କରିବା ସହିତ ବ ମାନ ପ୍ରଚଣ୍ଡ ଖରା ଓ ଅସହ୍ୟ ଗୁଳୁଗୁଳି ହେଉଥିବାରୁ ଏହି ଜଳସେବା ପଥିକ ମାନଙ୍କୁ ବେଶ ସହାୟକ ହେବ ବୋଲି କହିଥିଲେ । ଏହି ଭ୍ରାମ୍ୟମାଣ ଜଳସେବା ପଟିଆ ଛକଠାରୁ ଜୟଦେବ ବିହାର ଛକ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଯାତ୍ରା କରିବ । ପ୍ରତି ଛକରେ କିଛି ସମୟ ରହି ଦହିପାଣି ଓ ସାଧା ପାଣି ବ ନ କରାଯିବ ବୋଲି ମିହିର ରାଉତ କହିଛନ୍ତି ।




# ଯୁବ ସୁଲଭ ତଥା ଉଜ୍ଜ୍ୱଳ ତ୍ୱଚା ପାଇଁ ୫ଟି ସୁପରଫୁଡ



ଭୁବନେଶ୍ୱର,(ପି.ଏନ) : ଏକ ଯୁବ ସୁଲଭ ତଥା ଉଜ୍ଜ୍ୱଳ ତ୍ୱଚା ସଭିଏଁ ଇଚ୍ଛା କରିଥାନ୍ତି । କିନ୍ତୁ ବାୟୁ ପ୍ରଦୂଷଣ, ଆର୍ଦ୍ରତା ବୃଦ୍ଧି, ଅତ୍ୟଧିକ ସୂର୍ଯ୍ୟକିରଣ ଏବଂ ଅତିବାଇଗଣୀ ରଶ୍ମୀ ଯୋଗୁଁ ଚର୍ମରେ ସୂକ୍ଷ୍ମରେଖା, କୁଂଚନ ଦେଖାଯିବା ସହ ଚର୍ମ ଢିଲା ହୋଇଯାଏ । ଏ ପ୍ରସଙ୍ଗରେ ତ୍ୱଚା ବିଶେଷଜ୍ଞ ତଥା କସମେଟୋଲଜିଷ୍ଟ ଡା. ଗିତିକା ମିତଲ କହିଛନ୍ତି ଯେ, ତ୍ୱଚାର ଏଭଳି ସମସ୍ୟାଗୁଡ଼ିକର ମୁକାବିଲା କରିବାକୁ ହେଲେ ଭିତରର ସ୍ୱାସ୍ଥ୍ୟ ଉପରେ ଅଧିକ ଧ୍ୟାନ ଦେବାକୁ ପଡ଼ିବ । ତେଣୁ ନିଜ ଖାଦ୍ୟରେ ସୁସ୍ଥକର ଖାଦ୍ୟ ଅନ୍ତର୍ଭୁକ୍ତ କରି ଆପଣ ତ୍ୱଚାର ନମନୀୟତା ବୃଦ୍ଧି କରିବା ସହିତ ଅସମୟରେ ବାର୍ଦ୍ଧକ୍ୟକୁ ରୋକିପାରିବେ । ଏଥିପାଇଁ ସେ ଦୈନନ୍ଦିନ ଆହାରରେ ଆଲମଣ୍ଡ, ଦହି ଭଳି ୫ଟି ପୌଷ୍ଟିକ ଖାଦ୍ୟକୁ ସାମିଲ କରିବା ଲାଗି ପରାମର୍ଶ ଦେଇଛନ୍ତି । ପୋଷଣରେ ଭରପୂର ଆଲମଣ୍ଡରେ ସ୍ୱାସ୍ଥ୍ୟକର ଚର୍ବି ଏବଂ ଭିଟାମିନ-ଇ ରହିଥାଏ ଯାହା ବାର୍ଦ୍ଧକ୍ୟ-ପ୍ରତିରୋଧୀ ଉପକାରୀତା ପ୍ରଦାନ କରିଥାଏ । ଆଲମଣ୍ଡରେ ଭିଟାମିନ-ଇ ବହୁ ପରିମାଣରେ ମିଳିଥାଏ, ଯାହାକି ଚ଼ର୍ମର କୋମଳତା ତଥା ସୂକ୍ଷ୍ମ ଗଠନର ପରିଚ୍ଛଳନା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହାକୁ ଜଣେ ଜଳଖିଆ ଭାବରେ କିମ୍ବା ଚ଼େବାଇ କରି ଖାଇପାରିବେ । ଏହା ଚର୍ମର କୁଂଚନକୁ ମଧ ହ୍ରାସ କରେ । ଦୈନନ୍ଦିନ ଆଲମଣ୍ଡର ବ୍ୟବହାର ଅତିବାଇଗଣୀ ରଶ୍ମୀର ପ୍ରଭାବରୁ ଚ଼ର୍ମକୁ ସୁରକ୍ଷା ଦିଏ ଏବଂ ଆମର ଚର୍ମକୁ ସୁସ୍ଥ ତଥା ଉଜ୍ଜ୍ୱଳତା ପ୍ରଦାନ କରିଥାଏ ।

ସେହିଭଳି ଓମେଗା-୩ ଫ୍ୟାଟି ଏସିଡରେ ଭରପୁର ସାଲମନ ମାଛ ତ୍ୱଚାକୁ ହାଇଡ୍ରେଟେଡ ଏବଂ କୋମଳ ରଖିବାରେ ସାହାଯ୍ୟ କରିଥାଏ । ପ୍ରଦାହ ହ୍ରାସ କରିବା ପାଇଁ ଜଣାଶୁଣା ଫ୍ୟାଟି ଏସିଡ ଅତିବାଇଗଣୀ ରଶ୍ମୀଠାରୁ ତ୍ୱଚାକୁ ସୁରକ୍ଷିତ ରଖିବା ସହିତ ଚ଼ର୍ମକୁ ଶାନ୍ତ କରିଥାଏ । ଓମେଗା-୩ ଦୂଷିତ ପଦାର୍ଥକୁ ବାହାର କରି ଚ଼ର୍ମର ସୂକ୍ଷ୍ମରେଖା ତଥା କୁଂଚନକୁ ବହୁ ମାତ୍ରାରେ ହ୍ରାସ କରିଥାଏ ଏବଂ କୋଲାଜେନ ଉତ୍ପାଦନରେ ସାହାଯ୍ୟ କରେ । କନ୍ଦମୂଳରେ ଭିଟାମିନ ଇ ଏବଂ ଭିଟାମିନ ସି ଭଳି ଆଂଟିଅକ୍ସିଡାଂଟ ତତ୍ୱ ରହିଥାଏ ଯାହାକି ଚ଼ର୍ମକୁ ଫ୍ରି ରେଡିକାଲ୍ସ ତଥା ଅକାଳ ବାର୍ଦ୍ଧକ୍ୟରୁ ଦୂରେଇ ରଖିଥାଏ । ଏଥିରେ ମଧ ଭିଟାମିନ-ଏ ରହିଥାଏ ଯାହା ଚ଼ର୍ମ କୋଷ ମରାମତି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । କମଳା, ଲେମ୍ବୁ ତଥା ଅଙ୍ଗୁର ଭଳି ସାଇଟ୍ରସ ଫଳ ଗୁଡ଼ିକ ଭିଟାମିନ ସିରେ ଭରପୁର ହୋଇଥାନ୍ତି ଯାହାକି ଚ଼ର୍ମ ସ୍ୱାସ୍ଥ୍ୟ ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ । ଭିଟାମିନ ସି କୋଲାଜେନ ଉତ୍ପାଦନକୁ ସମର୍ଥନ କରେ, ଯାହା ତ୍ୱଚାର ଦୃଢ଼ତା ଏବଂ ଇଲାଷ୍ଟିସିଟି ବଜାୟ ରଖିବା ପାଇଁ ଜରୁରୀ । ଏହା କୁଂଚନ ଏବଂ ସୂକ୍ଷ୍ମ ରେଖାଗୁଡିକୁ ଦୂର କରିବାରେ ସାହାଯ୍ୟ କରେ । ୟୋଗର୍ଟ ବା ଦହିରେ ଭିଟାମିନ୍ ବି୨, ବି୬ ଏବଂ ବି୧୨ ସମେତ ଲାକ୍ଟିକ ଏସିଡ ଏବଂ ଆଂଟିଅକ୍ସିଡାଂଟ ଭରି ରହିଥାଏ । ଲାକ୍ଟିକ ଏସିଡ ଏକ ପ୍ରାକୃତିକ ଏକ୍ସଫୋଲିଏଂଟ ଭାବରେ କାର୍ଯ୍ୟ କରେ, ଯାହା ମୃତ ଚର୍ମ କୋଷଗୁଡ଼ିକୁ ବାହାର କରିବାରେ ସାହାଯ୍ୟ କରେ । ଏଥିରେ ଥିବା ଭିଟାମିନଗୁଡ଼ିକ ଚର୍ମ ଢିଲାପଣ ବିରୁଦ୍ଧରେ ଲଢ଼ିଥାଏ ।

# ନିଖିଳ ଉତ୍କଳ ସ୍ୱତନ୍ତ୍ର ବିଦ୍ୟାଳୟ ପରିଚ୍ଛଳନା ମହାସଂଘ



ଭୁବନେଶ୍ୱର,(ପି.ଏନ): ତା ୨୯.୦୪.୨୦୨୫ ରିଖ ମଙ୍ଗଳବାର ଅପରାହ୍ନ ୪ ଘ । ସମୟରେ ନିଖିଳ ଉତ୍କଳ ସ୍ୱତନ୍ତ୍ର ବିଦ୍ୟାଳୟ ପରିଚ୍ଛଳନା ମହାସଂଘର ଏହି ପ୍ରେସ୍‌ମିଟିଂକୁ ଆପଣମାନଙ୍କୁ ସ୍ୱାଗତ କରୁଛି ।ଏହି ସମ୍ବାଦିକ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସ୍ୱତନ୍ତ୍ର ବିଦ୍ୟାଳୟଗୁଡ଼ିକର ପରିଚାଳନା ନିମନ୍ତେ ଯେଉଁ ଆଇନ କରିଥିଲେ ଓ ତା'ର କିଛି କାର୍ଯ୍ୟ ଧାରାକୁ କରିବା ସହ ପ୍ରାୟୋଜିତ ନିୟମକୁ ଅତିଶୀଘ୍ର କାର୍ଯ୍ୟକାରୀ କରିବା ନିମନ୍ତେ ଅନୁରୋଧ କରିବା ସଂଗେସଂଗେ ସ୍ୱତନ୍ତ୍ର ବିଦ୍ୟାଳୟର କର୍ମଚ୍ଛରୀମାନେ ଯେଉଁ ଆଶଙ୍କା ଓ ଦ୍ୱନ୍ଦରେ ଅଛନ୍ତି ତାକୁ ତାଙ୍କ ସନ୍ଦେହରୁ ଆପଣମାନଙ୍କ ଜରିଆରେ ଦୂର କରିବାକୁ ଚ଼ହୁଁଛୁ । ବନ୍ଧୁଗଣ ଓଡ଼ିଶାରେ ୧୯୮୫ ମସିହାରେ ସ୍ୱତନ୍ତ୍ର ବିଦ୍ୟାଳୟ କାର୍ଯ୍ୟକାରୀ କରିବା ଆରମ୍ଭ ହେବା ସଂଗେ ସଂଗେ ଏହାର ପରିଚ୍ଛଳନା ନିମନ୍ତେ ଏକ ନିୟମାବଳୀ ତତ୍‌କାଳୀନ ମହିଳା ଓ ଶିଶୁବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଗଲା ଯାହାକି ୨୦୧୩ ମସିହାରେ ଏହାର ସଂଶୋଧନ ପୂର୍ବର ଅନ୍ୟ ଏକ ଗାଡ଼ିଲାଇନ୍ ପ୍ରସ୍ତୁତ କରାଗଲା ଏବଂ ଶେଷରେ ୨୦୨୨ ମସିହାରେ ବ ମାନର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏକ ସର୍ବ ପୃଷ୍ଠ ଗାଇଡ଼ିଲାଇନ୍ ଏବଂ କାର୍ଯ୍ୟକାରୀ ଆରମ୍ଭ କଲେ । ଏକ ଗୁରୁତତ୍ୱପୂର୍ଣ୍ଣ ବିଷୟ ଆପଣମାନଙ୍କ ନଜରକୁ ଆଣିବାକୁ ଚ଼ହୁଁ ଯେ ଉକ୍ତରୋକ୍ତ ସମୟ ୧୯୮୫ ଗାଡ଼ିଲାଇନ, ୨୦୧୩ ଗ । ତ ଲାଇନ୍ ଏବଂ ସର୍ବପରି ୨୦୨୨ ଗାଇଡ଼ିଲାଇନ୍‌ରେ ଗୋଟିଏ କଥା ଉଲ୍ଲେଖ ରହିଛି ଯେ, ବିଦ୍ୟାଳୟର ସମସ୍ତ ଅନୁଦାନ, ବିଦ୍ୟାଳୟ ପରିଚ୍ଛଳନା କରୁଥିବା ସ୍ୱଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ପ୍ରଦାନ କରାଯିବ ଏବଂ ଏହି ପ୍ରକ୍ରୀୟା ୧୯୮୫ ମସିହାରୁ ଚ଼ଳିଆସୁଥିଲା କିନ୍ତୁ ଦୁଃଭାଗ୍ୟର ବିଷୟଏହି କି ଯେ ୨୦୧୨ ମସିହାରୁ ସରକାରୀ ଗାଇଡ଼ି ଲାଇନକୁ ଉପେକ୍ଷା କରାଯାଇ ରାଜ୍ୟନୈତିକ ହସ୍ତକ୍ଷେପ ବଳରେ କୌଣସି ନା କୌଣସି କାରଣରୁ ଏହା ସିଧା ସଳଖ ସ୍ୱଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ନେଦେଇ ଜିଲ୍ଲାସ୍ତରରେ ଥିବା ଡ଼ିଏସ୍‌ଡ଼ବ୍ୟୁଓ ଓ ପରବ ୀ ସମୟରେ ଡ଼ିଏସ୍ ଏସଓମାନଙ୍କୁ ଉପରୋକ୍ତ ଉଭୟ ଅନୁଦାନ ପ୍ରଦନ କରାଗଲା । ଯାହାକି ଜିଲ୍ଲା କାର୍ଯାଳୟରୁ ଛାତ୍ରଛାତ୍ରୀମାନଙ୍କ ରକ୍ଷଣବେକ୍ଷଣା ଓ ପରିଚ଼ଳନା ଅନୁଦାନକୁ ପୁଣି ସ୍ୱଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ସ୍ଥାନାନ୍ତର କରାଯାଉଛି ଓ କର୍ମଚାରୀମାନଙ୍କ ଦରମା ଅନୁଦାନକୁ କର୍ମଚ଼ରୀମାନଙ୍କୁ ପଠାଯାଉଥିଲା । ଦିର୍ଘ୍ୟ ୧୨ ବର୍ଷ ହେଲା ଏହି ଅନିୟମିତତା ଚ଼ଳିବା ପରେ ବ ମାନ ରାଜ୍ୟସରକାରଙ୍କ ଅର୍ଥବିଭାଗ ଏହି ବ୍ୟତିକ୍ରମକୁ ଜାଣି ପାରି ସାମାଜିକ ସ୍ୱରାକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗକୁ ନିର୍ଦ୍ଦେଶ ଦେଇଛି ଯେ ପୂର୍ବର ବ୍ୟତିକ୍ରମକୁ ଅତିଶୀଘ୍ର ସଂଶୋଧନ କରି ଏଥିରେ ସ୍ୱଚ୍ଛତା ଆଣିବା ଦରକାର ଓ ମୂଳାରୁ ଚ଼ଳିଆସୁଥିବା ଓ ଗାଇଡ଼ିଲାନ୍‌ରେ ଥିବା ନିର୍ଦ୍ଦେଶକୁ ପାଳନ କରାଯିବା ଆବଶ୍ୟକ ଯାହା ଦ୍ୱାରା କର୍ମଚ଼ରିମାନେ ସେମାନଙ୍କ ଦରମା ସଠିକ୍ ଭାବରେ ନିୟମିତ ଭାବରେ ପାଉଛନ୍ତି କି ନାହିଁ ଅନୁଷ୍ଠାନମାନେ ଏଥିରେ କିଛି ବ୍ୟତିକ୍ରମ କରିଛନ୍ତି କି ନାହିଁ ତାକୁ ଉଭୟ ସାମାଜି ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଅର୍ଥ ବିଭାଗ ମିଳିତ ଭାବରେ ମନିଟର କରି ପାରିବେ ଯାହାକି ବ ମାନ ଆମ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପାଳନ କରିବାକୁ ସ୍ଥିର କରିଛନ୍ତି । ଯାହାକୁ ଆମେ ମହାସଭାସଂଘ ତରଫରୁ ସ୍ୱାଗତ କରିବା ସହ ତାହାକୁ ଅତି ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ମନ୍ତ୍ରୀ ଓ ଅନ୍ୟାନ୍ୟ ପଦାଧିକାରୀଙ୍କ ଅନୁରୋଧ କରୁଛୁ ।

ଦ୍ୱିତୀୟରେ କର୍ମଚ଼ରିମାନଙ୍କ ବିଷୟରେ ଏତିକି କହିବୁ ସେମାନେ ଅନୁଷ୍ଠାନର କର୍ମଚ଼ରି ହୋଇଥିଲେ, ଅନୁଷ୍ଠାନର କର୍ମଚ଼ରି ହୋଇ ଅଛନ୍ତି, ଅନୁଷ୍ଠାନର କର୍ମଚ଼ରି ହୋଇ ରହିବେ ।ଏବେ ସରକାର ଯେଉଁ ସଂଶୋଧନ ଆଣିବା ପାଇଁ ଯାଉଛନ୍ତି ନିଯୁକ୍ତି ପାଇବା ସମୟରେ ମଧ ସରକାରୀ ନିୟମରେ ଏହାହିଁ ଥିଲା ଏବେବି ଏହାହିଁ ଅଛି । ଏହା ଦ୍ୱାରା ସେମାନଙ୍କ କାର୍ଯ୍ୟକାଳ କିମ୍ବା ସେମାନଙ୍କ ଦରମା ପ୍ରଣାଳୀ କିମ୍ବା ସମନେଙ୍କ ପଦୋଉନ୍ନତି ଇତ୍ୟାଦିରେ କୌଣସି ପ୍ରଭାବ ପଡ଼ିବ ନାହିଁ ଏବଂ ଆମ୍ଭେ ସମସ୍ତେ ସରକାରଙ୍କୁ ଅନୁରୋଧ କରିବୁ ଯେ ସେମାନେ ଅବସର (ରିଟାୟଡ଼) କଲା ବେଳେ ସେମାନଙ୍କୁ ପେନସନ୍ ଏବଂ ବୃଥା ଆଶଙ୍କା ଦ୍ୱନ୍ଦରେ ଭୟଭିତ ନହୋଇ ସ୍ୱାଚ୍ଛାସେବୀ ଅନୁଷ୍ଠାନମାନଙ୍କ ମିଥ୍ୟା ଅପପ୍ରଚ଼ର ନ କରି ଯେଉଁଥିପାଇଁ ସେମାନେ ନିଯୁକ୍ତି ପାଇଛନ୍ତି ସେଥିପାଇଁ ଦରମା ପାଉଛନ୍ତି, ସେହି ଭିନ୍ନକ୍ଷମ ପିଲାମାନଙ୍କ ସେବାରେ ନିଜକୁ ସଂଶ୍ଲିଷ୍ଟ କରି ପରିଚ଼ଳନା କମିଟି ସହ ଉ ମ ସମ୍ପର୍କ ରଖି ପାରିଲେ ସର୍ବଶେଷରେ ଏ ଭିନ୍ନକ୍ଷମ ପିଲାମାନଙ୍କର ସର୍ବାଙ୍ଗିନ ଉନ୍ନତି ହେବା ସେଙ୍ଗ ସଙ୍ଗେଏହି ସ୍ୱତନ୍ତ୍ର ବିଦ୍ୟାଳୟଗୁଡ଼ିକର ସୁଚ଼ରୁ ରୂପେ କାର୍ଯ୍ୟକାରୀ ହୋଇପାରିବ ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray